ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.121 Bhubaneswar Sunday June 18 2023 | ୨୬ତମ ବର୍ଷ ସଂଖ୍ୟା-୧୨୧ ଭୁବନେଶ୍ୱର, ରବିବାର, ଜୁନ ୧୮, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ୩ ଦକ୍ଷିଣୀ ଅଫିସରଙ୍କ କବଜାରେ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍, ଠିକାଦାରୀ-ଖଣି ଓ ସବୁ ବଡ ଟେଣ୍ଡରରୁ ଓଡିଆ ବଂଚିତ



ଭୁବନେଶ୍ୱର,୧୭।୬(ପି.ଏନ): ଓଡିଶାର ଶାସନ ବ୍ୟବସ୍ଥାରେ ଏବେ ଦକ୍ଷିଣ ଭାରତୀୟ ଲବି ଅଧିକ ପ୍ରଭାବ ବିସ୍ତାର କରିଛି । ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ ଏବେ ୩ଜଣ ଦକ୍ଷିଣ ଭାରତୀୟ ଅଫିସରରେ ଦଖଲରେ ରହିଛି । ଯେଉଁଥିପାଇଁ ରାଜ୍ୟର ସବୁ କ୍ଷେତ୍ରରେ ବଡବଡ ଠିକା କାର୍ଯ୍ୟରେ ଏବେ ଦକ୍ଷିଣ ଭାରତୀୟ ଉଦ୍ୟୋଗପତି ଓ ଠିକାଦାରମାନେ କାୟାବିସ୍ତାର କରୁଛନ୍ତି। ଆଉ ଓଡିଶାର ବ୍ୟବସାୟୀ ଓ ଠିକାଦାରମାନେ ରାଜ୍ୟରେ ବିଭିନ୍ନ କାର୍ଯ୍ୟ ପାଇବାରୁ ବଂଚିତ ହେଉଛନ୍ତି । ଆଜି ଏଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଭୁବନେଶ୍ୱରର ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ଅପରାଜିତା ଷଡଙ୍ଗୀ ।ଆଜି ଦଳର ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଷଡଙ୍ଗୀ ଅଭିଯୋଗ କରିଛନ୍ତି ଯେ, ସ୍ୱାଧୀନତା ପରଠୁ ଯାହା ଓଡିଶା ଇତିହାସରେ କେବେ ହୋଇନଥିଲା ତାହା ବିଗତ ଦୁଇବର୍ଷ ହେବ ହେଉଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ମଧ୍ୟରେ ଜଣେ ହେଲେ ଓଡିଆ ଅଫିସର ନାହାନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ସହଯୋଗ କରିବା ପାଇଁ, ଉପଦେଶ ଦେବାପାଇଁ କିମ୍ବା ରାଜ୍ୟ ସ୍ୱାର୍ଥକୁ ଆଗକୁ ବ?ାଇନେବା ପାଇଁ କ'ଣ ଜଣେ ହେଲେ ବି ଏବେ ଯୋଗ୍ୟ ଓଡିଆ ଅଫିସର ନାହାନ୍ତି ? ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ୩ଜଣ ଅଧିକାରୀ ହେଉଛନ୍ତି ଦକ୍ଷିଣ ଭାରତୀୟ । ଆଜିର ସମୟରେ ଦକ୍ଷିଣ ଭାରତୀୟ ଉଦ୍ୟୋଗପତିମାନଙ୍କ ବିଭିନ୍ନ କ୍ଷେତ୍ରରେ ମାତ୍ରାଧିକ ଦଖଲ କେବଳ ଏକ ସଂଯୋଗ ନା ସୁଚିନ୍ତିତ ଓ ସୁନିୟୋଜିତ ପ୍ରୟାସ ବୋଲି ଅପରାଜିତା ପ୍ରଶ୍ନ କରିଛନ୍ତି ।

### ସିପିଏମ୍ ସହ ମେଣ୍ଟରେ ରହିଲେ କଂଗ୍ରେସ ସାହାଯ୍ୟ ମାଗିବାକୁ ନଆସୁ : ମମତା

ଭୁବନେଶ୍ୱର,୧୭।୬(ପି.ଏନ): ଜୁନ୍ ୨୩ରେ ବିହାର ପାଟନା ଠାରେ ବିରୋଧୀ ଦଳର ନେତାମାନେ ଏକାଠି ହେବାକୁ ଯାଉଛନ୍ତି। ୨୦୨୪ ନିର୍ବାଚନରେ ବିଜେପି ସରକାର ବିରୋଧରେ ଏହି ବିରୋଧୀ ଦଳମାନେ ଏକାଠି ହୋଇ ଲଢ଼ିବାକୁ ଯୋଜନା କରୁଛନ୍ତି। ଠିକ୍ ଏହି ସମୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କଂଗ୍ରେସକୁ ଶବ୍ଦଭେଦି ତୀର ମାରିଛନ୍ତି। ସିପିଏମ୍ ସହ ଥିବା ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ କଂଗ୍ରେସକୁ କୌଣସି ପ୍ରକାର ସହାୟତା ମିଳିବା ଆଶା ରଖିବା ଉଚିତ୍ ନୁହେଁ ବୋଲି ସେ ଶୁକ୍ରବାର ଖୋଲାଖୋଲି କହିଛନ୍ତି। ପଶ୍ଚିମବଙ୍ଗର କାକଡ୍ୱିପ୍‌ଠାରେ ଏକ ସାଧାରଣ ସଭାରେ ସେ କହିଛନ୍ତି, କଂଗ୍ରେସ ବିଭିନ୍ନ ରାଜ୍ୟରେ ସରକାର କରିଥିବା ବେଳେ ସିପିଏମ୍ ଏହାର ବଡ ସହଯୋଗୀ ହୋଇଛି। ଏହି ଦଳ ମଧ୍ୟ ବିଜେପିର ସହଯୋଗୀ ହୋଇଛି ଏବଂ ଲୋକସଭା ନିର୍ବାଚନ ଲଢ଼ିବାକୁ ତୃଣମୂଳ କଂଗ୍ରେସର ସହାୟତା ଚାହୁଁଛି। ବିଜେପିକୁ ବିରୋଧ ଜାରି ରହିଥିବାରୁ ବେଙ୍ଗଲରେ ସିପିଏମ୍ ସହ ରହିଲେ ତୃଣମୂଳ କଂଗ୍ରସ ଠାରୁ ସାହାଯ୍ୟ ମାଗିବାକୁ କଂଗ୍ରେସ ନଆସୁ।

## ରାଜଧାନୀରେ ଅସମ୍ଭାଳ ତାତି, ପାରଦ ପାର୍ କଲା ୪୪ ଡିଗ୍ରୀ



ଭୁବନେଶ୍ୱର,୧୭।୬(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ନିଆଁ ବର୍ଷୁଛି। ଆଜି ତାପମାତ୍ରା ୪୪ ଡିଗ୍ରୀ ଅତିକ୍ରମ କରିଛି। ତାତି ଏମିତି ହେଉଛି ଯେ ନା ଘରେ ବସି ହେଉଛି, ନା ବାହାରୁ ବାହାରି ହେଉଛି। ତା' ଭିତରେ ମଝିରେ ମଝିରେ ବିଜୁଳି କାଟ ହେଉଥିବାରୁ ଗରମରେ ସନ୍ତୁଳି ହେଉଛନ୍ତି ରାଜଧାନୀବାସୀ। ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ଏମିତି ତାପମାତ୍ରା ରହିବ ବୋଲି ଜଣାପଡିଛି।

## ଟ୍ରେନରେ ଯାଉଥିବା ବେଳେ ଅସୁସ୍ଥ ହୋଇପଡିଲେ ଝାଡ଼ଖଣ୍ଡ ମହେଶପୁର ବିଧାୟକ ଷ୍ଟିଫେନ୍ ମାରାଣ୍ଡି, କଡ଼ା ସୁରକ୍ଷା ବଳୟରେ ବୁର୍ଲା ସ୍ଥାନାନ୍ତର

ବଲାଙ୍ଗିର, ୧୭।୬(ପି.ଏନ): ଟ୍ରେନରେ ଯାଉଥିବା ବେଳେ ଗତ ରାତିରେ ଅସୁସ୍ଥ ହୋଇପଡିଲେ ଝାଡ଼ଖଣ୍ଡ ରାଜ୍ୟ ମହେଶପୁର ବିଧାୟକ ତଥା ଜେଏମଏମର ପୂର୍ବତନ ନେତା ଷ୍ଟିଫେନ ମାରାଣ୍ଡି। ତୁରନ୍ତ ତାଙ୍କୁ ବଲାଙ୍ଗିର ସ୍ଥିତ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ(ବିବିଏମସିଏଚ) ରେ ଭର୍ତି କରାଯାଇଥିଲା। ହେଲେ ପରେ ଅଧିକ ଚିକିତ୍ସା ପାଇଁ କଡା ସୁରକ୍ଷା ବଳୟରେ ତାଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି ।ଶ୍ରୀ ମାରାଣ୍ଡି କୌଣସି ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ତାମିଲନାଡୁର ଭେଲୋର ଯାଇଥିବା ବେଳେ ଗତକାଲି ସେ ରେଳ ଯୋଗେ ଝାଡ଼ଖଣ୍ଡ ଫେରୁଥିଲେ । ହେଲେ ରେଳରେ ଯାତ୍ରା କରୁଥିବା ସମୟରେ ହଠାତ୍ ସେ ଅସୁସ୍ଥ ଅନୁଭବ କରିଥିଲେ। ଫଳରେ ବଲାଙ୍ଗିର ରେଳ ଜଙ୍କସନ ଠାରେ ତାଙ୍କୁ ଜରୁରୀକାଳୀନ ଅବତରଣ କରାଯାଇଥିଲା । ଆଉ ଆରପିଏଫର କଡ଼ା ସୁରକ୍ଷା ବଳୟରେ ତାଙ୍କୁ ବିବିଏମସିଏଚକୁ ଅଣାଯାଇଥିଲା । ସେଠାରେ ଜରୁରୀକାଳୀନ କକ୍ଷରେ ତାଙ୍କୁ ଭର୍ତି କରାଯାଇଥିବା ବେଳେ ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିଥିଲେ। ପ୍ରାୟ ଏକ ଘଂଟାରୁ ଅଧିକ ସମୟ ଧରି ତାଙ୍କ ଉପରେ ଡାକ୍ତର ନଜର ରଖିଥିଲେ। ଖବର ପାଇ ବଲାଙ୍ଗିର ଏ.ଡି.ଏମ୍ ଲମ୍ବୋଦର ଧରୁଆ, ହସ୍ପିଟାଲ୍ ଅଧିକ୍ଷିକା ଡାକ୍ତର ମାନସୀ ପଣ୍ଡା, ଟାଉନ ଆଇଆଇସି ବିଶ୍ୱଜିତ ମନୋବଧଙ୍କ ସମେତ ଅନ୍ୟ ଅଧିକାରୀ ଓ ହସ୍ପିଟାଲର କର୍ମଚାରୀମାନେ ଉପସ୍ଥିତ ଥିଲେ । ପରେ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି ।

### ମଣିପୁରରେ ୩.୨ ତୀବ୍ରତାର ଭୂକମ୍ପ ଅନୁଭୂତ

ଇମ୍ଫାଲ, ୧୭।୬(ପି.ଏନ): ମଣିପୁରରେ ଶନିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଯାହାର ତୀବ୍ରତା ରହିଛି ୩.୨ । ଖବର ଲେଖାଯିବା ସୁଦ୍ଧା ରାଜ୍ୟରେ କ୍ଷୟକ୍ଷତି ସମ୍ପର୍କିତ କୌଣସି ସୂଚନା ମିଳିନାହିଁ ।ଭାରତୀୟ ସିସ୍ମୋଲୋଜି କେନ୍ଦ୍ରରୁ ମିଳିଥିବା ସୂଚନା ଅନୁସାରେ, ଭୂକମ୍ପର କେନ୍ଦ୍ରସ୍ଥଳ ମଣିପୁରର କାମଜୋଙ୍ଗ ଅଂଚଳରେ ଭୂପୃଷ୍ଠରୁ ୪୫ କି.ମି. ଗଭୀରରେ ରହିଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ୨୪.୮୧ ଉତ୍ତର ଅକ୍ଷାଂଶ ତଥା ୯୪.୫୦ ପୂର୍ବ ଦେଶାନ୍ତରରେ ଅବସ୍ଥିତ ଥିଲା ।

## ୧୭ ଦିନରେ ଅମଲା ମିଳିତ ମଂଚର ଆନ୍ଦୋଳନ, ହଇରାଣ ହେଉଛନ୍ତି ଜନସାଧାରଣ

ମାଲକାନଗିରି, ୧୭।୬(ପି.ଏନ): ଗ୍ରେଡ ପେ ୪୨୦୦ ଟଙ୍କା ପ୍ରଦାନ ଦାବିରେ ରାଜ୍ୟବ୍ୟାପୀ ମିଳିତ ଅମଲା ମଂଚର ଆନ୍ଦୋଳନ ଆଜିକୁ ୧୭ ଦିନରେ ପହଂଚିଛି । ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଘୋଷଣା କରାଯାଇଥିବା ଏହି ଆନ୍ଦୋଳନ କାରଣରୁ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ମାନଙ୍କରେ କାମ ଠପ ହୋଇପଡିଛି। ଯାହା ଫଳରେ ଲୋକେ ହଇରାଣ ହେଉଛନ୍ତି । ଅନ୍ୟପଟେ ଅମଲା ମିଳିତ ମଂଚର ଦାବିକୁ ମାନିବାକୁ ସରକାର ନାରାଜ ଥିବାବେଳେ ଅମଲା ମିଳିତ ମଂଚ ମଧ୍ୟ ନିଜର ଜିଦରେ ଅଡି ବସିବା ସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସାମୁହିକ ଛୁଟିରେ ରହିଛନ୍ତି ।ଅମଲା ମିଳିତ ମଂଚର ଦାବି ଅନୁଯାୟୀ, ଶିକ୍ଷାଗତ ଯୋଗ୍ୟତାଭିତିକ ମୂଳ ଦରମା ୪୨୦୦ ଗ୍ରେଡ୍ ପେ'' ଲାଗୁ କରାଯାଉ । ଏହି ଦାବି ପୂରଣ ନେଇ ଅମଲାମାନେ ପୂର୍ବରୁ ଅନେକ ଥର ସ୍ମାରକପତ୍ର ପ୍ରଦାନ, ଧାରଣା, ବିକ୍ଷୋଭ ପ୍ରଦର୍ଶନ, କଳାବ୍ୟାଚ ପରିଧାନ କରି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର ରାଜ୍ୟ ସରକାର ଏପର୍ଯ୍ୟନ୍ତ ଅମଲାମାନଙ୍କ ଏହି ଦାବି ପୂରଣ କରି ନଥିଲେ । ଫଳରେ ପୂର୍ବ ନିଷ୍ପତି କ୍ରମେ ଗତ ୧ ଜୁନ ଠାରୁ ଅମଲାମାନେ ରାଜ୍ୟବ୍ୟାପୀ ସମୂହ ଛୁଟିରେ ଅଛନ୍ତି । ଯାହାକୁ ନେଇ ମାଲକାନଗିରି ଜିଲ୍ଲାରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଜିଲ୍ଲାର ମିଳିତ ଅମଲା ମଂଚ ନେତୃତ୍ୱରେ ଅମଲାମାନେ ସମୂହ ଛୁଟିରେ ଥିବା ବେଳେ ନିଜ କାର୍ଯ୍ୟାଳୟ ଯିବା ବଦଳରେ ଦାବି ପୂରଣ ପାଇଁ ଜିଲ୍ଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଅନ୍ୟପଟେ ଅମଲାମାନେ କାର୍ଯ୍ୟରେ ଯୋଗ ଦେଇ ନଥିବାରୁ ରାଜସ୍ୱ, ସ୍ୱାସ୍ଥ୍ୟ, ଶିକ୍ଷା, ଟ୍ରେଜେରୀ, ରେଜିଷ୍ଟ୍ରି ଆଦି ବିଭାଗର ଅଫିସଗୁଡ଼ିକର ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଛି । ତେବେ ୪୨୦୦ ଗ୍ରେଡ୍ ପେ'' ଦାବି ପୂରଣ ନେଇ ରାଜ୍ୟ ସରକାର ଠୋସ୍ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଅମଲାମାନେ ଚେତାବନୀ ଦେଇଛନ୍ତି । ସେହିପରି ରାଜ୍ୟ ସରକାରଙ୍କ ସହିତ ଅମଲା ମିଳିତ ମଂଚର ବୈଠକରେ ସରକାର ରାଜ୍ୟର ଆର୍ଥିକ ମେରୁଦଣ୍ଡ ଠିକ ନ ଥିବା କହି ଆନ୍ଦୋଳନରୁ ଓହରିବାକୁ ଅନୁରୋଧ କରିଥିଲେ ଏବଂ ଏହି ବୈଠକରେ କୌଣସି ନିଷ୍କର୍ଷ ବାହାରିନଥିଲା । ତେଣୁ ଏହି ବୈଠକ ପରେ ମଧ୍ୟ ଅମଲା ମିଳିତ ମଂଚ ନିଜର ଆନ୍ଦୋଳନ ଜାରି ରଖିଛି । ସେପଟେ ନେତା ଓ ମନ୍ତ୍ରୀଙ୍କ ଦରମା ୩ ଲକ୍ଷକୁ ବୃଦ୍ଧି ସହିତ ପେନସର ବ୍ୟବସ୍ଥା ରହିଥିବା ବେଳେ ରାଜ୍ୟର ଆର୍ଥିକ ମେରୁଦଣ୍ଡ କିପରି ଦେଖାଗଲା ନାହିଁ ଏବଂ ରାଜ୍ୟ ସରକାର ଏପରି ହୀନ ରାଜନୀତି ନ କରି ଶୀଘ୍ର କୌଣସି ନିଷ୍କର୍ଷ ବାହାର କରନ୍ତୁ ବୋଲି ମାଲକାନଗିରି ଜିଲ୍ଲାର ବୁଦ୍ଧିଜୀବୀ ମହଲରେ ଦାବି ଉଠିଛି ।

## କ୍ୟାପିଟାଲ ହସ୍ପିଟାଲ ପରିଦର୍ଶନ କରି ଚିକିତ୍ସା ସୁବିଧାର ଅନୁଧ୍ୟାନ କଲେ ୫T ସଚିବ



ଭୁବନେଶ୍ୱର,୧୭।୬(ପି.ଏନ): ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ହେବ ଆମ ହସ୍ପିଟାଲର ମଡେଲ ହସ୍ପିଟାଲ । ହସ୍ପିଟାଲ ବୁଲି ଦେଖିଲେ ୫T ସଚିବ ଭି.କେ ପାଣ୍ଡିଆନ । ହସ୍ପିଟାଲ ପରିସରରେ କିପରି ଚାଲିଛି ରୋଗୀଙ୍କ ଚିକିତ୍ସା । ତାହାକୁ ନେଇ ଅନୁଧ୍ୟାନ କରିଛନ୍ତି ଫାଇଭ-ଟି ସଚିବ । ପ୍ରଥମେ ହସ୍ପିଟାଲର ସ୍କେଚ୍ ଦେଖିଥିଲେ । ତାପରେ ପଞ୍ଜିକରଣ କେନ୍ଦ୍ର ଓ ଔଷଧ ବିତରଣ କେନ୍ଦ୍ରର ବ୍ୟବସ୍ଥା ପଚାରି ବୁଝିଥିଲେ । ବିଶ୍ରାମ କକ୍ଷରେ ଥିବା ଆମ ହସ୍ପିଟାଲର ମାଷ୍ଟର ପ୍ଲାନ୍ ଦେଖିବା ସହ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରିଥିଲେ । ହସ୍ପିଟାଲ ପ୍ରବେଶ ପଥର ଅନୁଧ୍ୟାନ କରିବା ସହ ବହିର୍ବିଭାଗ, ହୃଦରୋଗ ବିଭାଗରେ କିପରି ଚିକିତ୍ସା ଚାଲିଛି ତାହାର ଅନୁଧ୍ୟାନ କରିଥିଲେ ଫାଇଭ-ଟି ସଚିବ । ଅନ୍ୟପଟେ ହୃଦରୋଗ ବିଭାଗରେ ଶୌଚାଳୟ ବ୍ୟବସ୍ଥା କିପରି ରହିଛି ତାହାକୁ ବୁଲି ଦେଖିଛନ୍ତି ୫T ସଚିବ । ରୋଗୀ ସେବା ନେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସବିଶେଷ ବିବରଣୀ ପ୍ରଦର୍ଶିତ ହେଉଛି କି ନାହିଁ ତାହାର ମଧ୍ୟ ତଦାରଖ କରିଛନ୍ତି । ସ୍ୱାସ୍ଥ୍ୟ ସଚିବ ସାଲିନି ପଣ୍ଡିତ ହସ୍ପିଟାଲର ରୋଗୀସେବା ବ୍ୟବସ୍ଥା ବିଷୟରେ ଅବଗତ କରାଇଛନ୍ତି । ଆମ ହସ୍ପିଟାଲ ମାଧ୍ୟମରେ କ୍ୟାପିଟାଲ ହସ୍ପିଟାଲକୁ ପରୀକ୍ଷାମୂଳକ ଭାବେ ଉନ୍ନତି କରାଯାଉଛି । ଏହା ସଫଳ ହେଲେ ରାଜ୍ୟର ୧୪୭ଟି ହସ୍ପିଟାଲକୁ ଆମ ହସ୍ପିଟାଲ ଯୋଜନାରେ ସାମିଲ କରାଯିବ । ଏହାକୁ ପାଇଲଟ ଯୋଜନା ଭାବେ ଗ୍ରହଣ କରାଯାଇଛି ।

## ୧୦ ଜିଲ୍ଲାର ୩୬ ମ୍ୟୁନିସିପାଲିଟି ଏବଂ ଏନଏସି ପାଇଁ ୨୨୫.୫୩ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୬(ପି.ଏନ): ମୁକ୍ତା ଯୋଜନାରେ ଚଳିତ ଆର୍ଥିକବର୍ଷ ପାଇଁ ତୃତୀୟ ପର୍ଯ୍ୟାୟରେ ୧୦ ଜିଲ୍ଲାର ମ୍ୟୁନିସିପାଲିଟି ଏବଂ ଏନଏସି ପାଇଁ ଟଙ୍କା ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ । ୩୬ ମ୍ୟୁନିସିପାଲିଟି ଏବଂ ଏନଏସି ପାଇଁ ୨୨୫.୫୩ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି ୧୦ ଜିଲ୍ଲା ହେଲା- ଢେଙ୍କାନାଳ , ଅନୁଗୁଳ, କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ, ବଲାଙ୍ଗିରଲ ସୁବର୍ଣ୍ଣପୁର, ବରଗଡ, ଝାରସୁଗୁଡା ଓ ଦେବଗଡ ।

### ଭିଜିଲାନ୍ସ ଜାଲରେ ବାରିପଦା ଉପଜିଲ୍ଲାପାଳ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ

ଭୁବନେଶ୍ୱର,୧୭।୬(ପି.ଏନ): ଭିଜିଲାନ୍ସ ଜାଲରେ ବାରିପଦା ଉପଜିଲ୍ଲାପାଳ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ। ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲା ବାରିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ବରିଷ୍ଠ କିରାଣୀ ରାମଚନ୍ଦ୍ର ସେନଙ୍କ ବାସଭବନରେ ଭିଜିଲାନ୍ସ ରେଡ୍ ହୋଇଛି। ମୟୂରଭଞ୍ଜର ୫ଟି ଠିକଣାରେ ରେଡ୍ କରୁଛି ଭିଜିଲାନ୍ସ ଟିମ୍ । କୁଳିଅଣା ବ୍ଲକ ପଢିଆରୀପୁର ସ୍ଥିତ ବାସଭବନ, ରଘୁନାଥଗଞ୍ଜ ସ୍ଥିତ ଶ୍ରୀରାମ ଭବନ, ଉପଜିଲ୍ଲାପାଳ କାର୍ଯ୍ୟାଳୟ, ତାଙ୍କ ଶ୍ୱଶୁର ଘର ଏବଂ ଶାମାଖୁଟା ବ୍ଲକ ଅଧୀନ ଖଣ୍ଡିଆସ୍ଥିତ ବାସଭବନରେ ଏକକାଳୀନ ଚଢ଼ଉ ଜାରି କରାଯାଉଛି। ରେଡ୍ ରେ ଜଣେ ଅତିରିକ୍ତ ଏସପି , ୫ ଡିଏସପି, ୭ ଇନସ୍ପେକ୍ଟର ଓ ଅନ୍ୟାନ୍ୟ ଅଧିକାରୀ ସାମିଲ ଅଛନ୍ତି। ଖବର ଲେଖାଯିବା ବେଳକୁ ଚଢାଉ ଜାରୀ ରହିଥିଲା।

### କୁବେର ପୂର୍ବତନ ଯୋଗାଣ ଅଧିକାରୀ ଗିରଫ

ଭୁବନେଶ୍ୱର,୧୭।୬(ପି.ଏନ):ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ନୟାଗଡର ପୂର୍ବତନ ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର ନାୟକଙ୍କୁ ଗିରଫ କରିଛି ଭିଜିଲାନ୍ସ ।

## ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଅମର ଆତ୍ମାର ସଦ୍‌ଗତି ସହିତ ଆହତଙ୍କ ଦ୍ରୁତ ଆରୋଗ୍ୟ ନିମନ୍ତେ ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ମନ୍ଦିରରେ ସମୂହ ଦୀପଦାନ





ଭୁବଶ୍ୱେର,୧୭।୬(ପି.ଏନ): ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଅମର ଆତ୍ମାର ସଦ୍‌ଗତି ସହିତ ଆହତଙ୍କ ଦ୍ରୁତ ଆରୋଗ୍ୟ ନିମନ୍ତେ ଆଇଆରସି ଭିଲେଜ ଏନ-୧ ସ୍ଥିତ ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ମନ୍ଦିରରେ ସମୂହ ଦୀପଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ, ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ଅଧକ୍ଷା ଶ୍ରୀମୟୀ ମିଶ୍ର, ସ୍ଥାନୀୟ କର୍ପୋରେଟର ମାନସିରାଣୀ ସୁନ୍ଦରରାୟଙ୍କ ସମେତ ସ୍ୱପ୍ନେଶ୍ୱର ସାଂସ୍କୃତିକ ପରିଷଦର ସଭାପତି ନବଘନ ତ୍ରିପାଠୀ, ସମ୍ପାଦକ ଶରତ ଚନ୍ଦ୍ର ପଟ୍ଟନାୟକ, ସହ-ସମ୍ପାଦକ ଚିନ୍ତାମଣୀ ମିଶ୍ର, ସଭ୍ୟ ଅଶୋକ କୁମାର ମିଶ୍ର, ଇଂ ରମେଶ ତ୍ରିପାଠୀ, ରାମଚନ୍ଦ୍ର ପାତ୍ର ଏବଂ ନୟାପଲ୍ଲୀ କମ୍ୟୁନିଟି କେୟାର ଆସୋସିଏସନର ସଭାପତି ଅରଣୁ କୁମାର ରଥ, ଉପସଭାପତି, ପ୍ରଦୀପ୍ତ କୁମାର ସ୍ୱାଇଁ, ସମ୍ପାଦକ ଦେବାଶିଷ ପଟ୍ଟନାୟକ, କୋଷାଧ୍ୟକ୍ଷ ଅଶୋକ ମହାନ୍ତି, ଆଇଆରସି ଭିଲେଜ ଲେଡ଼ିଜ୍ ଆସୋସିଏସନର ଉପସଭାପତି ପ୍ରମିଳା ଶତପଥୀ, ସମ୍ପାଦିକ ଶର୍ମିଷ୍ଠା ମହାନ୍ତି, ବର୍ଣ୍ଣାଳୀ ମହିଳା ବିକାଶ ପରିଷଦର ସମ୍ପାଦିକା ଗୀତାଞ୍ଜଳି ରାୟ, ଉପସଭାପତି ପ୍ରମିଳା ମହାରଣା, ରଶ୍ମିତା ପୃଷ୍ଟି ପ୍ରମୁଖ ବ୍ୟକ୍ତିମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ୱପ୍ନେଶ୍ୱର ମନ୍ଦିରର ସମସ୍ତ ପୂଜକମାନେ ସହଯୋଗ କରିଥିଲେ।

### କୂଅ ଖୋଳିବା ସମୟରେ ଅଣନିଶ୍ୱାସୀ ହୋଇ ତିନି ଗୁରୁତର

ମାଲକାନଗିରି, ୧୭।୬(ପି.ଏନ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଜୋଡାମ୍ବ ପଂଚାୟତ ମୋଜାଗୁଡା ଗ୍ରାମରେ ଆଜି କୂଅ ଖୋଳିବା ସମୟରେ ଅଣ ନିଶ୍ୱାସୀ ହୋଇ ତିନି ଜଣ ବ୍ୟକ୍ତି ଅଚେତ ଅବସ୍ଥାରେ ପଡି ରହିଥିଲେ। ଏହା ଦେଖି ଗ୍ରାମବାସୀ ଓ ମାଲକାନଗିରି ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସମାରୀ ଟାଙ୍ଗୁଳ, ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ, ବଡ଼ପଡାର ସରପଂଚ ନିଲୁ ଖିଲ, ଜୋଡାମ୍ବ ର ସରପଂଚ ପିଙ୍କି ଖିଲ, ପାପରମେଟଲା ନାଏବ ସରପଂଚ ମୋନି ଖିଲ, ବଡ଼ପଡା ସମିତି ସଭ୍ୟ ଚକ୍ରଧର ଖିଲ ସେମାନଙ୍କୁ ଉଦ୍ଧାର କରି ଜୋଡାମ୍ବ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନେଇ ଚିକିତ୍ସା କରାଇବା ସହିତ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ।

### ରତ୍ନଭଣ୍ଡାର ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ନେଇ ଗଜପତି ମହାରାଜାଙ୍କ ଉଦ୍‌ବେଗ



ପୁରୀ,୧୭।୬(ପି.ଏନ): ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ସୁରକ୍ଷା ଓ ରତ୍ନ ଗଣତି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନ ମନୋଭାବ ନେଇ ଛତିଶଗଡ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମୁହଁ ଖୋଲିବା ପରେ ଆଜି ଗଜପତି ମହାରାଜା ଦିବ୍ୟସିଂହ ଦେବ ସମାନ ଢଙ୍ଗରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏଏସ୍ ?ଆଇ ଅନୁଧ୍ୟାନରୁ ଜାଣିବାକୁ ପାଇଛନ୍ତି ରତ୍ନଭଣ୍ଡାର ଭିତର କାନ୍ଥ ଭଲ ନାହିଁ। ଫାଟ ଅଛି, ବର୍ଷା ହେଲେ ପାଣି ପଶୁଛି। ରତ୍ନଭଣ୍ଡାର ମରାମତି ନିହାତି ଦରକାର। ପୂର୍ବରୁ କେବେ ମରାମତି ହୋଇଛି ଜଣାନାହିଁ। ରତ୍ନଭଣ୍ଡାର ବାହାର ଓ ଭିତର ଭଣ୍ଡାର ଅନୁଧ୍ୟାନ ଆବଶ୍ୟକ। ଏନେଇ ଆଇନରେ ବ୍ୟବସ୍ଥା ରହିଛି। ପ୍ରଥମେ ରତ୍ନ ଭଣ୍ଡାରରେ ଥିବା ରତ୍ନର ଗଣତି କରି ମନ୍ଦିର ଭିତରେ ନିରାପଦ ଓ ସୁରକ୍ଷିତ ରଖିବା ଜରୁରୀ। ନଚେତ ମରାମତି ହୋଇପାରିବ ନାହିଁ। ଏନେଇ ରାଜ୍ୟ ସରକାରଙ୍କୁ ଶ୍ରୀମନ୍ଦିର ପରିଚାଳନା କମିଟି ନିବେଦନ କରିସାରିଛି। ରାଜ୍ୟ ସରକାର ନିଷ୍ପତ୍ତି ନେଲେ କାମ ହେବ। ଆମର ବିଶ୍ୱାସ ରତ୍ନଭଣ୍ଡାର ଭିତରେ ଦୁର୍ମୁଲ୍ୟ ଅଳଙ୍କାର ସୁରକ୍ଷିତ ଅଛି।

## ଓଡିଶାର ଚାଷୀଙ୍କୁ ନବୀନ ବାବୁଙ୍କ ସରକାର ବାରମ୍ବାର ଧୋକା ଦେଇ ଚାଲିଛି : ବିଜେପି

ଭୁବନେଶ୍ୱର,୧୭।୬(ପି.ଏନ): ଓଡିଶା ଏକ ଚାଷୀ ପ୍ରଧାନ ରାଜ୍ୟ। କିନ୍ତୁ ଓଡିଶାର ଚାଷୀମାନେ ବାରମ୍ବାର ଏଠିକାର ବିଜୁ ଜନତା ଦଳ ସରକାର ଦ୍ୱାରା ପ୍ରତାରଣାର ଶୀକାର ହେଉଛନ୍ତି । କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କର ସରକାର ଧାନ କିଣା ବାବଦରେ ପିଛା କ୍ୱିଂଟାଲ ପିଛା ୨୦୪୦ ଟଙ୍କା ଦେଉଥିଲେ ଯାହା ଏଥରକି ପୁଣି ୨୧୮୩ ଟଙ୍କାରେ ପହଂଚିଛି । କିନ୍ତୁ ଏଠାରେ ଥିବା ନବିନ ବାବୁଙ୍କର ସରକାର ଚାଷୀମାନଙ୍କୁ ସେମାନଙ୍କର ଅଧିକାର ଦେଉ ନାହାନ୍ତି । ପୁରା ଧାନ କିଣା ପ୍ରକିୟାକୁ ଓଡିଶା ରାଜ୍ୟ ସରକାର ମିଲର ମାନଙ୍କ ହାତରେ ଟେକି ଦେଉଛନ୍ତି । ଓଡିଶାରେ ଧାନ କିଣାରେ କୋଟି କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ଲୁଟ କରାଯାଉଛି ଯେଉଁଥିରେ ବିଜୁ ଜନତା ଦଳର ମନ୍ତ୍ରୀ, ବିଧାୟକମାନେ ସାମିଲ ଅଛନ୍ତି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେପି କୃଷକ ମୋର୍ଚ୍ଚାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବାବୁ ଭାଇ ଜେବାଲିଆ ।ଭାରତୀୟ ଜନତା ପାର୍ଟିର ମହା ଜନ ସମ୍ପର୍କ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଓଡିଶା ଆସିଥିବା ଜେବାଲିଆ କହିଛନ୍ତି ଯେ ରାଜ୍ୟ ସରକାର ୨୦୧୯ ନିର୍ବାଚନ ପୂର୍ବରୁ କାଳିଆ ଯୋଜନାରେ ଚାଷୀମାନଙ୍କୁ ବର୍ଷକୁ ୧୦ ହଜାର ଟଙ୍କା ଦେବେ ବୋଲି ଘୋଷଣା କରିଥିଲେ । କିନ୍ତୁ ଯେମିତି ନିର୍ବାଚନ ସରିଗଲା ସେମାନେ ଚାଷୀଙ୍କୁ ବର୍ଷକୁ ମାତ୍ର ୪ ହଜାର ଟଙ୍କା ଦେଲେ। ଏହା ହେଉଛି ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକଙ୍କର ଚାଷୀମାନଙ୍କ ପ୍ରତି ମସ୍ତବଡ ଧୋକା । ଓଡିଶାରେ ୪ ବର୍ଷରେ ପ୍ରତିଟି ଚାଷୀ ପରିବାର ବର୍ଷକୁ ୬ ହଜାର ଟଙ୍କା ହିସାବରେ ମୋଟ ୨୪ ହଜାର ଟଙ୍କା ହରାଇ ସାରିଲାଣି । ସେମାନଙ୍କୁ ଏହି ୨୪ ହଜାର ଟଙ୍କା କେବେ ରାଜ୍ୟ ସରକାର ଦେବେ ତାହା ଘୋଷଣା କରନ୍ତୁ ।୨୦୦୯ ନିର୍ବାଚନରେ ବିଜୁ ଜନତା ଦଳ ତାର ଇସ୍ତାହାରରେ ଓଡିଶାର ପ୍ରତି ବ୍ଲକରେ ସର୍ବନିମ୍ନ ୩୫% ଜଳସେଚନ ଯୋଗାଇ ଦେବା କଥା ଘୋଷଣା କରିଥିଲା । ୧୪ ବର୍ଷ ବିତିସାରିଲାଣି । କୁଆଡେ ଗଲା ସେହି ପ୍ରତିଶୃତି ? କାହିଁକି ମୁଖ୍ୟମନ୍ତ୍ରୀ ଓଡିଶାର ଚାଷୀମାନଙ୍କ ଜଳ ସମସ୍ୟା କଥା ବୁଝିଲେ ନାହିଁ ବୋଲି ବାବୁଭାଇ ପ୍ରଶ୍ନ କରିଛନ୍ତି ।୨୦୧୪ ନିର୍ବାଚନ ଇସ୍ତାହାରରେ ମୁଖ୍ୟମନ୍ତ୍ରୀ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର କରିବେ ବୋଲି ଘୋଷଣା କରିଥିଲେ । ସବୁ ବ୍ଲକ କଥା ଛାଡନ୍ତୁ କେଉଁ ଗୋଟିଏ ବ୍ଲକରେ ବି ସରକାରୀସ୍ତରରେ ରାଜ୍ୟ ସରକାର ଗୋଟିଏ ବି ଶୀତଳ ଭଣ୍ଡାର ପ୍ରତିଷ୍ଠା କରିପାରିନାହାନ୍ତି । ବିଜୁ ଜନତା ଦଳର ଏହି ରାଜ୍ୟ ସରକାର କେବଳ ଚାଷୀଙ୍କୁ ଭୋଟ ଆଗରୁ ପ୍ରତିଶୃତି ଓ ଭୋଟ ସରିବା ପରେ ପ୍ରତାରଣା ଦେଇ ଆସିଛି ବୋଲି ଶ୍ରୀ ଜେବାଲିଆ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ଅନିଲ ବିଶ୍ୱାଳ ଉପସ୍ଥିତ ଥିଲେ ।








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ପାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା



ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥ୍ରଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱବାସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱବାସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମାୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ମହାଋଷି ମଧୁସୂଦନ



**ଦି**ଗ୍‌ବଳୟର ମଧ୍ୟବିନ୍ଦୁରେ ଦଣ୍ଡାୟମାନ ମଣିଷ ଦେଖେ ଅନନ୍ତ ପ୍ରକୃତିର ବୈଚିତ୍ର୍ୟ ସମ୍ଭାର। ସେହି ବୈଚିତ୍ର୍ୟ ସୌନ୍ଦର୍ଯ୍ୟ ମଧ୍ୟରେ ଦେଖେ ପରିବର୍ତ୍ତନ। ତାହାର ଚିତ୍ତ ପଟରେ ଫୁଟିଉଠେ ଅସଂଖ୍ୟ ଅନାବନା ଭାବନା। ଦିଗ୍‌ବଳୟର ପରିଧି ଅତିକ୍ରମ କରି ତାର କଳ୍ପନା ଛୁଟି ଯାଏ ଧରିତ୍ରୀରୁ ଆକାଶ। ସୃଷ୍ଟି ରହସ୍ୟର ପ୍ରତ୍ୟେକଟି ପାହାଚ ଅନ୍ୱେଷଣ ତାର ଭାବନାରେ। ଭାବନା ପାଲଟି ଯାଏ ଭାବ ଭକ୍ତିରେ ସେହି ଭକ୍ତି ଭାବନାର କବି ମଧୁସୂଦନ ରାଓ ୧୮୫୩ ମସିହା ଶ୍ରୀ ପଞ୍ଚମୀ ଜାନୁଆରୀ ୨୯ ତାରିଖ ଦିନ ପୁରୀ କୁଣ୍ଡେଇବେଣ୍ଟ ସାହିର ଭାଗୀରଥି ରାଓ ଓ ଅମ୍ବିକା ବାଈଙ୍କ କୋଳମଣ୍ଡନ କରିଥିଲେ। ମଧୁସୂଦନ ଥିଲେ ମରହଟ୍ଟା ବଂଶଜ। ଇଂରେଜମାନେ ଆସିବା ପୂର୍ବରୁ ମରହଟ୍ଟାମାନେ କରୁଥିଲେ ରାଜୁତି। ସେହି ମରହଟ୍ଟାମାନଙ୍କ ମଧ୍ୟରୁ ସଦାଶିବ ରାଓ ଆଉ ତାଙ୍କ ରାଜ୍ୟକୁ ନଫେରି ରହିଗଲେ ସବୁଦିନ ପାଇଁ ପୁରୀରେ। ସେ ଥିଲେ ମଧୁସୂଦନଙ୍କ ଅଜା। ପିତା ଭାଗୀରଥି ରାଓ ଓ ମାତା ଅମ୍ବିକା ବାଈ ଥିଲେ ଈଶ୍ୱର ବିଶ୍ୱାସୀ, ଧାର୍ମିକ ଓ ଆଦର୍ଶ ଦମ୍ପତି। ମଧୁସୂଦନ ତାଙ୍କ ଜନ୍ମ ତିଥିକୁ କବିତାରେ କୁହନ୍ତି –

***"ମଧୁ ଜନ୍ମ ତିଥି ମଧୁମୟୀ ଶ୍ରୀପଞ୍ଚମୀ***
***ଯାର ଆଗମନେ ଜାଣେ ଧରଣୀ ଉଲ୍ଲାସେ***
***ଶତ ପୁଷ୍ପ ବିକଶଇ ବିଶ୍ୱ ପ୍ରାଣ ରମି***
***ବହଇ ମଳୟ, ଗାଏ କୋକିଳ ଉଚ୍ଛ୍ୱାସେ।"***

ଭାଗୀରଥି ରାଓ ପାଠ ପଢିଥିଲେ ଅଳ୍ପ। ତେଣୁ ସେ ଗୋଟିଏ ପୁଲିସ୍ ଚାକିରି କରୁଥିଲେ। ଯାହା ଦରମା ପାଉଥିଲେ ସେଥିରେ ତାଙ୍କ ସଂସାର କଷ୍ଟେମଷ୍ଟେ ଚଳିଯାଉଥିଲା। ମଧୁସୂଦନଙ୍କର ଜନ୍ମ ହେବାର ଅଢେଇ ବର୍ଷ ପରେ ତାଙ୍କର ଗୋଟିଏ ସାନଭାଇ ହେଲା, ତାର ନାମ 'ଜଗନ୍ନାଥ'। ମଧୁସୂଦନଙ୍କୁ ପାଞ୍ଚ ବର୍ଷ ସମୟରେ ମା' ଅମ୍ବିକା ଦେବୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇ ଅନ୍ତୁଡିଶାଳରେ ଆଖି ବୁଜିଦେଲେ। ପରେ କନ୍ୟାଟିର ମୃତ୍ୟୁ ଘଟିଲା। ଅମ୍ବିକା ଦେବୀ ମରିବା ଆଗରୁ ସ୍ୱାମୀଙ୍କୁ ପାଖକୁ ଡାକି କହିଥିଲେ ପୁଅ ଦୁଇଟିଙ୍କୁ ମାମୁଁଙ୍କ ପାଖରେ ଛାଡିଦେଇ ଆସିବ। ମାମୁଁ ମାଇଁ ତାଙ୍କୁ ପାଳିବେ। ଭାଗୀରଥି ରାଓ ଜମାଦାର ଭାବରେ ପୁରୀ ଅଠରନଳାଠାରେ କାର୍ଯ୍ୟରେ ଯୋଗଦେଲେ। କିଛି ଦିନ ପରେ ତାଙ୍କର ଗୋପ ଥାନାକୁ ବଦଳି ହେଲା। ଦିନେ ତାଙ୍କ ସ୍ତ୍ରୀ ସ୍ୱପ୍ନରେ ଦେଖାଦେଇ କହିଲେ ମାମୁଁ ଘରେ ମା'ଛେଉଣ୍ଡ ପିଲା ଦୁଇଟି ବଡ ହୀନସ୍ତା ହେଉଛନ୍ତି। ତା' ପରଦିନ ଭାଗୀରଥି ରାଓ ପିଲା ଦୁହିଁଙ୍କର ଅବସ୍ଥା ଦେଖି ସ୍ୱପ୍ନ କଥା ସତ ମଣିଲେ। ତେଣୁ ପିଲା ଦୁଇଟିଙ୍କୁ ଆଣି ନିଜ ପାଖରେ ରଖିଲେ। ମାତୃହରା ପିଲା ଦୁଇଟି ଭାଗୀରଥିଙ୍କଠାରୁ ପିତୃମାତୃ ସ୍ନେହ ଲାଭ କଲେ। ବର୍ତ୍ତମାନ ଭାଗୀରଥି ହିଁ ହେଲେ ମା' ଓ ବାପା। ସକାଳୁ ଅଫିସ୍ ସମୟ ଯାଏ ସେମାନେ ବାପାଙ୍କ ପାଖରେ ଘରେ ରୁହନ୍ତି। ବାପା ଥାନାକୁ ଗଲେ ସେମାନେ ମଧ୍ୟ ଥାନାକୁ ଆସନ୍ତି। ଥାନା ବାରଣ୍ଡାରେ ଜଗନ୍ନାଥଙ୍କୁ ଧରି ମଧୁସୂଦନ ଖେଳାନ୍ତି। ମଧୁସୂଦନ ଦାନ, ଧ୍ୟାନ, ଈଶ୍ୱର ଭକ୍ତି, ବିନୟ, ସତ୍ୟ, ଧୈର୍ଯ୍ୟ ଓ ସହିଷ୍ଣୁତା ଆଦି ଗୁଣରେ ପରିପୂର୍ଣ୍ଣ। ଗୋପ ଥାନାକୁ ଲାଗି ଗୋଟିଏ ଚାଟଶାଳୀ ଥାଏ। ପିଲା ଦୁଇଟି ସେହି ଚାଟଶାଳୀରେ ଅବଧାନଙ୍କ ପାଖରେ ପାଠ ପଢିଲେ। ମଧୁସୂଦନ ଜଣେ ଭଲ ଛାତ୍ର ହେବାର ଗୁଣ ପିଲାଦିନୁ ଜଣାପଡିଥିଲା। ସେ ଲିଖନ, ପଠନ ସହିତ ସାହିତ୍ୟ ଓ ଅଙ୍କ ପ୍ରଭୃତ ପାଠ ପଢୁଥିଲେ। ଚାଟଶାଳୀ ପାଠ ଶେଷ ବେଳକୁ ଭାଗୀରଥି ବାବୁଙ୍କର ଗୋପ ଥାନାରୁ ଭୁବନେଶ୍ୱର ଥାନାକୁ ବଦଳି ହେଲା। ତେଣୁ ମଧୁସୂଦନ ସରକାରୀ ମାଇନର ସ୍କୁଲରେ ନାମ ଲେଖାଇ ପାଠ ପଢିଲେ। ବଙ୍ଗାଳୀମାନଙ୍କର ପ୍ରଭାବ ଯୋଗୁ ଓଡିଶାର ବିଦ୍ୟାଳୟମାନଙ୍କରେ ବଙ୍ଗଳା ଭାଷାରେ ପାଠ ପଢୁଥିଲେ। ଶ୍ରେଣୀରେ ସେ ପ୍ରତିବର୍ଷ ପ୍ରଥମ ସ୍ଥାନ ଅଧିକାର କରୁଥିଲେ। ମଧୁସୂଦନଙ୍କ ସରଳ ସୁନ୍ଦର ବ୍ୟବହାର ଓ ମଧୁର ବଚନରେ ସମସ୍ତେ ଅତି ଆପଣାର ହୋଇପଡୁଥିଲେ।



ଓଡିଶାର ସ୍କୁଲ ବିଭାଗୀୟ ଇନ୍‌ସପେକ୍ଟର ଥିଲେ ଉଡ୍ରୋ ସାହେବ। ସେ ଖଣ୍ଡଗିରି ଦେଖିବା ପାଇଁ ଆସିଲେ। ଆସୁଛନ୍ତି ଯେତେବେଳେ ଭୁବନେଶ୍ୱର ସ୍କୁଲକୁ ମଧ୍ୟ ପରିଦର୍ଶନରେ ଗଲେ। ପାଠ ପଚରାପଚରି ସମୟରେ ମଧୁସୂଦନଙ୍କର ସୁନ୍ଦର କଥାବାର୍ତ୍ତା ଓ ବିଦ୍ୟାଗୁଣର ଅନୁରାଗ ଦେଖି ଉଡ୍ରୋ ସାହେବ ପ୍ରୀତ ହୋଇଗଲେ। ତାଙ୍କର ରହିବା ପାଇଁ ମଧ୍ୟ ଭାଗୀରଥିବାବୁଙ୍କ ଘରେ ବ୍ୟବସ୍ଥା ହୋଇଥିଲା। ତେଣୁ ସାହେବ ତାଙ୍କୁ କହିଥିଲେ ତୁମ ପୁଅ ଦିନେ ଓଡିଶାର ନାଁ ରଖିବ। ଇନ୍‌ସପେକ୍ଟର ସାହେବ ମଧୁସୂଦନଙ୍କୁ ବିନା ଦରମାରେ ପୁରୀ ଜିଲ୍ଲା ହାଇସ୍କୁଲରେ ପାଠପଢ଼ିବା ପାଇଁ ଏକ ସୁପାରିଶ ପତ୍ର ଲେଖି ଦେଇଥିଲେ। ସେଥିପାଇଁ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ପାଠ ପଢ଼ିପାରିଲେ। ସେ ପାଠପଢ଼ାରେ ଭଲ କରିବାରୁ ଗୋଟିଏ ବରଷରେ ଦୁଇ ଶ୍ରେଣୀ ଉପରକୁ ଉଠିଗଲେ। ପ୍ରଧାନଶିକ୍ଷକ ଜନ୍ ବକ୍‌ସଓୟେଲ ମେଧାବୀ ଚରିତ୍ରବାନ୍ ମଧୁସୂଦନଙ୍କୁ ଭାରି ଭଲ ପାଉଥିଲେ। ଗରିବ ପିଲା ହିସାବରେ ସେ ତାଙ୍କୁ ସାହାଯ୍ୟ କରୁଥିଲେ। ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ, ଜିଲ୍ଲା ସ୍କୁଲ ପିଲାଙ୍କୁ ଅଧିକ ଉତ୍ସାହିତ କରିବାକୁ ପ୍ରତିବର୍ଷ ୨୦ଟି ପ୍ରଶ୍ନ ଦେଉଥିଲେ। ପ୍ରତ୍ୟେକ ପ୍ରଶ୍ନକୁ ୫ ଟଙ୍କା ହିସାବରେ ୧୦୦ ଟଙ୍କା ପୁରସ୍କାର ଦିଆଯାଉଥିଲା। ମଧୁସୂଦନ ଲାଗ ଲାଗ ତିନିବର୍ଷ ଏହି ପୁରସ୍କାର ପାଇ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ। ମଧୁସୂଦନ ୧୧ ବର୍ଷ ବୟସରେ ପଦ୍ମାବାଈ ନାମକ ଜଣେ ନଅ ବର୍ଷ ବୟସର ବାଳିକାକୁ ବିବାହ କରିଥିଲେ।

୧୮୬୬ ମସିହା ପୁରୀ ରାଜା ଦିବ୍ୟସିଂହ ଦେବଙ୍କ ନଅ ଅଙ୍କରେ ଦୁର୍ଭିକ୍ଷ ପଡିଥିବାରୁ ତାକୁ ନଅଙ୍କ ଦୁର୍ଭିକ୍ଷ କୁହାଗଲା। ଏଥିରେ ଓଡିଶାର କେତେ ଯେ ଲୋକ ମଲେ ତାର କଳନା ନାହିଁ। ଗାଁଗଣ୍ଡା ସବୁ ପଦା ହୋଇଗଲା। ସେତେବେଳେ ମଧୁସୂଦନ ଏକାଦଶ ଶ୍ରେଣୀର ଛାତ୍ର। ମଧୁସୂଦନ ସ୍ୱେଚ୍ଛାସେବକ ଅନୁଷ୍ଠାନ ଗଠନ କରି ତାର ଦଳପତି ହେଲେ। ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହାୟତାରେ ଘରେ ଘରେ ଚୂଡା ଓ ଚାଉଳ ବାଣ୍ଟିବାକୁ ଲାଗିଲେ। ମଧୁସୂଦନ ଗାଁ ଗାଁ ବୁଲି ଦୁଃଖୀରଙ୍କୀ ଭୋକୀ ଶୋଷୀଙ୍କ ସେବାରେ ମନପ୍ରାଣ ଢ଼ାଳିଦେଲେ। ଏହି ଦେଶସେବା ଯୋଗୁ ତାଙ୍କର ପଢ଼ାପଢ଼ିରେ ଅବହେଳା ଘଟିଲା। ସେ ମାଟ୍ରିକ୍ ପରୀକ୍ଷା ଦେଇପାରିଲେ ନାହିଁ। ଦ୍ୱିତୀୟ ଥର ମଧ୍ୟ ଦେହ ଖରାପ ଯୋଗୁ ପରୀକ୍ଷା ଦେଇପାରିଲେ ନାହିଁ।

ପୁରୀ ଜିଲ୍ଲା ସ୍କୁଲରେ ରାଧାନାଥ ରାୟ ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ। ଏହିଠାରେ ମଧୁସୂଦନ ରାଧାନାଥଙ୍କ ସ୍ନେହ, ସହାନୁଭୂତି ଓ ସାହାଯ୍ୟ ପାଇ ଉନ୍ନତି ପଥରେ ଆଗେଇବାକୁ ଲାଗିଲେ। ରାଧାନାଥ ଓ ମଧୁସୂଦନଙ୍କ ମଧ୍ୟରେ ସମ୍ପର୍କ ଥିଲା ମଣିକାଞ୍ଚନ ସଦୃଶ। ଦିନେ ମଧୁସୂଦନଙ୍କୁ ଜଣେ ଶିକ୍ଷକ ଗାଳି ଦେଇଥିବାରୁ ମଧୁସୂଦନ ଦୁଷ୍ଟ ବାଳକଙ୍କ ସହିତ ଟେକାପଥର ଧରି ବାଟରେ ଶିକ୍ଷକଙ୍କୁ ଅପେକ୍ଷା କରିଥିଲେ, କିନ୍ତୁ ସେହି ବାଟରେ ରାଧାନାଥ ଆସିଯିବାରୁ ମଧୁସୂଦନଙ୍କ ବୁଦ୍ଧି ସ୍ଫୁରିଲା ନାହିଁ। ମଧୁସୂଦନ ରାଧାନାଥଙ୍କ ଗୋଡତଳେ ପଡିଯାଇ ସବୁ ସତ କଥା କହି କ୍ଷମା ମାଗିଲେ। ରାଧାନାଥଙ୍କ ଆର୍ଶୀବାଦ ପାଇ ମଧୁସୂଦନ ଜଣେ ଭଲ ପିଲା ହେବାକୁ ଚେଷ୍ଟା କଲେ। ରାଧାନାଥଙ୍କ ଯତ୍ନ, ଉତ୍ସାହ ଓ ପରିଶ୍ରମରେ ମଧୁସୂଦନ ୧୮୬୯ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହିତ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କଲେ। ତାଙ୍କୁ ମାସିକ ଦଶ ଟଙ୍କା ବୃତ୍ତି ମିଳିଲା। ତେଣୁ ସେ କଟକ ଆସି କଲେଜରେ ଏଫ.ଏ. ଶ୍ରେଣୀରେ ନାମ ଲେଖାଇଲେ। ତାଙ୍କ ସହ ତାଙ୍କର ସାନଭାଇ ଜଗନ୍ନାଥ ମଧ୍ୟ କଟକ ଆସି ପାଠପଢ଼ିଲେ। କଲେଜରେ ତାଙ୍କର ସହପାଠୀ ଆଚାର୍ଯ୍ୟ ପ୍ୟାରୀମୋହନ ଓ ବଳରାମ ଦାସ ଥିଲେ। ୧୮୭୧ ମସିହାରେ ସେ ଖ୍ୟାତି ସହ ଏଫ.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୨୦ ଟଙ୍କା ବୃତ୍ତି ପାଇଲେ। ସୁଦୂର କଲିକତା ଯାଇ ବି.ଏ. ପଢ଼ିବା ପାଇଁ ତାଙ୍କ ପିତାଙ୍କର ଇଚ୍ଛା ନଥିଲା। ତେଣୁ ତାଙ୍କ ପାଠପଢ଼ା ଏତିକିରେ ଡୋରି ବନ୍ଧାଗଲା। ପ୍ରାଚୀନ ଓଡିଆ ସାହିତ୍ୟ ବିଷୟରେ ଜ୍ଞାନଲାଭ କରିବା ପାଇଁ ସେ ପୁରୁଣା ତାଳପତ୍ର ପୋଥି ସବୁ ଆଣି ପଢ଼ିଲେ। କଠୋର ଅଧ୍ୟବସାୟ ବଳରେ କଠିନ ଶାସ୍ତ୍ରମାନ ସେ ଆୟତ୍ତ କରିପାରିଥିଲେ।

ଛୁଆଁ ଅଛୁଆଁ, ଜାତି ଅଜାତି, ଉଚ୍ଚ ନୀଚ ଭେଦଭାବ ପ୍ରଭୃତି ଅନେକ ଅନ୍ଧବିଶ୍ୱାସ ଆମ ସମାଜକୁ କବଳିତ କରି ରଖିଥିଲା। କୁକୁରଟି ମଳତ୍ୟାଗ କଲେ ଆମେ ତା' ସେବା କରୁ ଆମ କୋଳରେ ଶୁଆଉଥାଉ, କିନ୍ତୁ ମଣିଷକୁ ଘୃଣା କରୁ ଭ୍ରାତୃତ୍ୱର ଦ୍ୱାହି ଦେଇ କଚେରୀରେ ଛିଡା ହେଉ। ନିଜର ମଣିଷପଣିଆକୁ ଭୁଲି ବିଶ୍ୱଭ୍ରାତୃତ୍ୱକୁ କୁଠାରାଘାତ କରୁ। ହିନ୍ଦୁ ସମାଜର କୁସଂସ୍କାର ପାଶ୍ଚାତ୍ୟ ଶିକ୍ଷା, ଖ୍ରୀଷ୍ଟଧର୍ମ ଓ ପାଦ୍ରିମାନଙ୍କର ପ୍ରଭାବରେ ମଧୁସୂଦନ ବ୍ୟତିବ୍ୟସ୍ତ ହୋଇ "ବ୍ରାହ୍ମଧର୍ମ" ଗ୍ରହଣ କରିଥିଲେ। ସେଥିପାଇଁ ତାଙ୍କୁ ସମାଜର ବିଦ୍ରୁପ, ଗାଳି ଓ ଯନ୍ତ୍ରଣା ସହିବାକୁ ପଡିଛି।

ମଧୁସୂଦନ ପୁରୀ ଜିଲ୍ଲା ସ୍କୁଲରେ କିଛି ଦିନ ଶିକ୍ଷକତା କରିବା ପରେ ଯାଜପୁର ମାଇନର ସ୍କୁଲରେ ହେଡମାଷ୍ଟର ପଦବୀରେ ଯୋଗଦେଇ ମାସିକ ୪୫ ଟଙ୍କା ବେତନ ପାଇଲେ। ସେଠାରେ ପତ୍ନୀ ପଦ୍ମାବାଈ ସହିତ ବୈତରଣୀ ନଦୀରେ ସ୍ନାନ କରି ଭାବଭକ୍ତିରେ ଅତୀତ ଉତ୍କଳର ଗୁଣକୀର୍ତ୍ତନ କରୁଥିଲେ। ଯାଜପୁରଠାରେ ମଧୁସୂଦନଙ୍କର କବି ପ୍ରତିଭା ପ୍ରସ୍ଫୁଟିତ ହେଲା। ୧୮୭୩ ମସିହାରେ ମଧୁସୂଦନ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକ ରୂପେ ଯୋଗଦେଲେ। ସେଠାରେ ତାଙ୍କର ବ୍ୟାସକବି ଫକୀରମୋହନ ସେନାପତି, ବୈକୁଣ୍ଠନାଥ ଦେଓ ଓ ତାଙ୍କର ଗୁରୁଦେବ ରାଧାନାଥ ରାୟଙ୍କ ସହିତ ମିଳନ ହେଲା। ଏହା ଥିଲା ଓଡିଆ ସାହିତ୍ୟ ଇତିହାସର ଏକ ମଧୁର ମିଳନ ପର୍ବ। ବାଲେଶ୍ୱର ପାଲଟିଗଲା ଓଡିଆ ସାହିତ୍ୟର ତୀର୍ଥସ୍ଥଳୀ ପ୍ରୟାଗ। ଏହି ସାହିତ୍ୟିକମାନେ ମିଶି ମାସିକ ପତ୍ରିକା 'ଉତ୍କଳ ଦର୍ପଣ' ପ୍ରକାଶ କଲେ। ମଧୁସୂଦନ ଏହିଠାରେ କେତୋଟି ପ୍ରବନ୍ଧ ଓ କବିତା ରଚନା କରିଥିଲେ। ସେଗୁଡିକ ମଧ୍ୟରୁ "ପ୍ରଣୟର ଅଦ୍ଭୁତ ପରିଣାମ", "ଚନ୍ଦ୍ର ତାରା ଗଳ୍ପ", "ଶାସନ ପ୍ରଣାଳୀ", "ସୂର୍ଯ୍ୟ ଉଲ୍‌କା ପିଣ୍ଡ", "ଆଗ୍ନେୟଗିରି", "ବୁଦ୍ଧଦେବ", "ଶ୍ମଶାନ", "ନିଶୀଥ ଚିନ୍ତା", "ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ", ଶରତ ପ୍ରଭାତ ଓ ସୀତା ବନବାସ ପ୍ରଭୃତି ଅନେକ ରଚନା ତାଙ୍କର ସୃଷ୍ଟି। ମଧୁସୂଦନ ପୁରସ୍କାର ପାଇ 'ପ୍ରବନ୍ଧମାଳା' ନାମକ ଗୋଟିଏ ବହି ଲେଖିଥିଲେ। ରାଧାନାଥ ଓ ମଧୁସୂଦନ ଦୁହେଁ ମିଶି 'କବିତାବଳୀ' ନାମକ ବହି ପ୍ରକାଶ କଲେ। ବାଲେଶ୍ୱରଠାରେ ତାଙ୍କର ପ୍ରଥମ କନ୍ୟା ବାସନ୍ତୀର ଜନ୍ମ। ସେ କଟକ କଲେଜିଏଟ୍ ସ୍କୁଲରେ ଅତିରିକ୍ତ ଶିକ୍ଷକ ଭାବେ ଯୋଗଦେବା ପରେ ତାଙ୍କର ଗୋଟିଏ ପୁତ୍ର ଜନ୍ମ ହେଲା, ତାର ନାମ 'ଜୟନ୍ତ'।

୧୮୮୦ ମସିହାରେ ମଧୁସୂଦନ ଶିକ୍ଷା ବିଭାଗୀୟ ଡେପୁଟି ଇନ୍‌ସପେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଲେ। ଶିକ୍ଷକମାନଙ୍କୁ ପାଠ ପଢାଇବାରେ ସାହାଯ୍ୟ କରିବା ଲାଗି ସେ କେତେକ ବହି ମଧ୍ୟ ଲେଖିଥିଲେ। 'ଶିକ୍ଷାବନ୍ଧୁ' ନାମକ ଏକ ପତ୍ରିକା ମଧ୍ୟ ପ୍ରକାଶ କରିଥିଲେ। ବର୍ତ୍ତମାନ କଲେଜିଏଟ୍ ସ୍କୁଲର ମୁଖପତ୍ରର ନାମ ଶିକ୍ଷାବନ୍ଧୁ ରହିଅଛି। ପ୍ରାଥମିକ ଶିକ୍ଷକମାନଙ୍କ ନିମନ୍ତେ ସେ 'ଶିକ୍ଷକ ସହଚର', 'ନିମ୍ନ ଶିକ୍ଷକ ବନ୍ଧୁ' ଓ 'ନିମ୍ନ ଶିକ୍ଷକ ସୁହୃଦ୍' ବୋଲି ତିନିଖଣ୍ଡ ପୁସ୍ତକ ପ୍ରକାଶ କରିଥିଲେ। ଶିକ୍ଷକଙ୍କ ତାଲିମ ପାଇଁ ସେ ଏକ ଗୁରୁ ଟ୍ରେନିଂ ସ୍କୁଲ ବସାଇଥିଲେ। ୧୮୮୧ ମସିହାରେ 'ଛାନ୍ଦମାଳା' ପ୍ରଥମ ଖଣ୍ଡ ପ୍ରକାଶିତ କରିଥିଲେ। 'ବର୍ଣ୍ଣବୋଧ' ବହି ଖଣ୍ଡିକ ଲେଖି ସେ ସାରା ଓଡିଶାରେ ପରିଚିତ।

ବାଲ୍ୟବନ୍ଧୁ ଆଚାର୍ଯ୍ୟ ପ୍ୟାରୀମୋହନଙ୍କ ମୃତ୍ୟୁ ମଧୁସୂଦନଙ୍କୁ ଖୁବ୍ ବାଧିଲା। ସେ ବହୁକାଳ ପର୍ଯ୍ୟନ୍ତ ଦାରୁଣ ଦୁଃଖରେ ଘାଣ୍ଟିଚକଟି ହୋଇପଡିଲେ। ତା'ପରେ ତାଙ୍କର କଠିନ ଶୂଳ ରୋଗ ଆରମ୍ଭ ହୋଇଥିଲା। ସେ ଡେପୁଟି ଇନ୍‌ସପେକ୍ଟର ଚାକିରି ଛାଡିଦେଇ କଲେଜିଏଟ୍ ସ୍କୁଲର ପ୍ରଧାନଶିକ୍ଷକ ଭାବେ ଯୋଗଦେଲେ। କଲେଜ ପ୍ରିନ୍ସପାଲ୍‌ଙ୍କ ସହିତ ନୀତିଗତ ଅମେଳ ହେବାରୁ ସେ ପ୍ରଧାନଶିକ୍ଷକ ପଦ ଛାଡି ବାଲେଶ୍ୱରକୁ ଡେପୁଟି ଇନ୍‌ସପେକ୍ଟର ପଦରେ ବଦଳି ହେଲେ। ୧୮୯୩ ମସିହାରେ ମଧୁସୂଦନ କଟକ ଟ୍ରେନିଂ ସ୍କୁଲରେ ପ୍ରଧାନଶିକ୍ଷକ ରୂପେ ଯୋଗଦେଲେ। ଟ୍ରେନିଂ ସ୍କୁଲରେ ଭାବର ଆଦାନପ୍ରଦାନ ନିମନ୍ତେ ୧୮୯୪ ମସିହାରେ ଏକ ଆଲୋଚନା ସଭା ମଧୁସୂଦନ ଗଠନ କରିଥିଲେ। ତାହା ବଢ଼ିଯାଇ କ୍ରମେ 'ଉତ୍କଳ ସାହିତ୍ୟ ସମାଜ'ରେ ପରିଣତ ହୋଇଥିଲା। ତେଣୁ ତାଙ୍କ ନାମ ଉକ୍ତ ଅନୁଷ୍ଠାନ ସହିତ ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ସେ ଛାତ୍ରମାନଙ୍କ ମଧ୍ୟରେ 'ଉତ୍କଳ ଯୁବକ ସଂଘ' ଗଢ଼ି ସୁନାମ କମାଇଥିଲେ। ବ୍ରାହ୍ମ ଉପାସନା ପାଇଁ ସେ କଟକ ଗଙ୍ଗା ମନ୍ଦିର ନିକଟରେ ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ।

ମଧୁସୂଦନଙ୍କ ପ୍ରଚେଷ୍ଟାରେ ଟାଉନ୍ ସ୍କୁଲ ନାମରେ ଗୋଟିଏ ମାଇନର ସ୍କୁଲ କଟକ ସହରରେ ପ୍ରତିଷ୍ଠା ହୋଇଥିଲା। ପର ଅବସ୍ଥାରେ ଉକ୍ତ ସ୍କୁଲଟି 'ଭିକ୍ଟୋରିଆ ହାଇସ୍କୁଲ'ରେ ନାମିତ ହେଲା। ଏବେ ସେ ସ୍କୁଲର ନାମ 'ଭକ୍ତମଧୁ ବିଦ୍ୟାପୀଠ'। ତାଙ୍କର ପାରିବାରିକ ଜୀବନ ଅତି ମଧୁମୟ ଥିଲା। ୪ଟି କନ୍ୟା ଓ ୪ଟି ପୁତ୍ର ସନ୍ତାନ ମଧ୍ୟରୁ 'ପ୍ରଶାନ୍ତ' ନାମକ ପୁତ୍ରକୁ ସାନଭାଇ ଜଗନ୍ନାଥଙ୍କୁ ପୁଅ ଭାବେ ଟେକି ଦେଇଥିଲେ। କନ୍ୟା, ପୁତ୍ର, ସ୍ତ୍ରୀ ଓ ଭାଇ ଏକତ୍ର ରହି ଘରଟିକୁ ସେ ସ୍ୱର୍ଗ ପରି ମଣୁଥିଲେ, ସେଥିପାଇଁ ସେ 'ପରିବାର' ପଦ୍ୟରେ ଲେଖିଛନ୍ତି:- ***"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର/ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।"***

ଗୃହର ଶାନ୍ତି ଦେଖି ଫକୀରମୋହନ ତାଙ୍କ ଗୃହକୁ କହୁଥିଲେ ମହର୍ଷି ଆଶ୍ରମ, ମଧୁସୂଦନ ନିଜେ ମହାଋଷି। ଈଶ୍ୱରଙ୍କ ପରମ ସତ୍ତା ଅନୁଭବ କରି ସେ ଭକ୍ତିଭାବରେ ବହୁତ କବିତା ରଚନା କରିଛନ୍ତି। ତେଣୁ ତାଙ୍କୁ ଆଧୁନିକ ଓଡିଆ ସାହିତ୍ୟରେ 'ଭକ୍ତ କବି' ବୋଲି କୁହାଯାଏ। ଇଂରେଜ ସରକାର ତାଙ୍କୁ ୧୯୦୭ ମସିହାରେ "ରାୟବାହାଦୂର" ପଦ ପ୍ରଦାନ କରିଥିଲେ। ୧୯୦୯ ମସିହାରେ ତାଙ୍କ ପିତା ଭାଗୀରଥି ରାଓ ହରିନାମ ଗାଇ ଗାଇ ଆଖି ବୁଜିଦେଲେ। ପିତୃବିୟୋଗ ଦୁଃଖ ମଧୁସୂଦନଙ୍କୁ ଦାରୁଣ କଷ୍ଟ ଦେଇଥିଲା। ଛାନ୍ଦମାଳା ୨ୟ ଖଣ୍ଡ ତାଙ୍କ ପିତୃଦେବଙ୍କ ପାଦପଦ୍ମରେ ସେ ଉତ୍ସର୍ଗ କରିଥିଲେ। 'କୁସୁମାଞ୍ଜଳି' ମଧୁସୂଦନଙ୍କ ଶ୍ରେଷ୍ଠ କବିତା ସଞ୍ଚୟନ। ୧୯୧୨ ମସିହା ଡିସେମ୍ବର ୨୮ ତାରିଖରେ ସେ ଇହଧାମ ତ୍ୟାଗ କଲେ।

ମଧୁସୂଦନଙ୍କ ସରଳତା, ସାଧୁତା, ସହନଶୀଳତା, ସାହାଯ୍ୟ, ସତ୍ୟ କଥନ ଓ ଭ୍ରାନ୍ତି ଭାବ ଆଧୁନିକ ଓଡିଆ ସାହିତ୍ୟରେ ବିରଳ। ତାଙ୍କର ମାନବଧର୍ମ ଓ ସଂସ୍କାରବାଦର ଗାରିମାମୟ ମୌଳିକ କବି ପ୍ରତିଭା ତାଙ୍କୁ ଚିରଦିନ ପାଇଁ ଅମର କରିରଖିବ। ସେଥିପାଇଁ ପଲ୍ଲୀକବି ନନ୍ଦକିଶୋର ବଳ ଲେଖିଛନ୍ତି-

***"ଯାବତ ଜୀବନ ଆଦର୍ଶ ସ୍ୱରୂପେ***
***ବିରାଜ ମୋ ପ୍ରାଣେ ସନ୍ତତ***
***ହେ ଦେବ! ଉତ୍କଳର ଇତିହାସରେ***
***ଶ୍ରୀ ମଧୁସୂଦନ ଭକ୍ତକବି ନାମ***
***ରହିଲା ସୁବର୍ଣ୍ଣ ଅକ୍ଷରେ।"***

**ଅକ୍ଷୟ କୁମାର ରାଉତ**
*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର,*
*ମୋ.ନଂ.-୯୯୩୭୬୯୧୪୭୫*

# ଗଣତନ୍ତ୍ରର ମୂଲ୍ୟବୋଧ ଅକ୍ଷୁର୍ଣ୍ଣ ରଖିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ

ରାଉରକେଲା (ପିଏନ୍): ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ୭୩ତମ ଗଣତନ୍ତ୍ର ଦିବସ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଆନନ୍ଦଉଲ୍ଲାସ ସହକାରେ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଜର୍ଜ ତିର୍କୀ ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ ଦଳୀୟ କର୍ମୀ ଓ ନେତୃମଣ୍ଡଳୀଙ୍କୁ ସମ୍ବୋଧିତ କରିଥିଲେ । ଶ୍ରୀ ତିର୍କୀ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଦେଶ ସ୍ୱାଧୀନ ହେବା ପରେ ପୂର୍ବପ୍ରଚଳିତ ସମ୍ବିଧାନ ଅନୁସାରେ ଦେଶର ଶାସନ ବ୍ୟବସ୍ଥାକୁ ପରିଚାଳନା କରାଯାଉଥିଲା । ଦେଶର ନୂତନ ସମ୍ବିଧାନ ପ୍ରସ୍ତୁତ ହେବା ପରେ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖ ଠାରୁ ଉକ୍ତ ସମ୍ବିଧାନ ଅନୁଯାୟୀ ଦେଶର ଶାସନ ବ୍ୟବସ୍ଥା ପରିଚାଳିତ ହୋଇଆସୁଥିଲା । ତେବେ ଆମ ସମ୍ବିଧାନ ଜାତି, ଧର୍ମ, ବର୍ଣ୍ଣ, ଧନୀ, ଦରିଦ୍ର ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେଇ ସମସ୍ତଙ୍କ ସ୍ୱାର୍ଥରକ୍ଷା ପ୍ରତି ଗୁରୁତ୍ୱାରୋପ କରିଥିବା ବିଶ୍ୱର ସର୍ବଶ୍ରେଷ୍ଠ ସମ୍ବିଧାନ । ତେବେ ବିଭିନ୍ନ ସମୟରେ ସମ୍ବିଧାନର ମୂଳ ଢାଞ୍ଚା ସମାନତା, ଏକତା, ସାର୍ବଭୌମତ୍ୱ ଇତ୍ୟାଦିକୁ ନଷ୍ଟ କରିବା ପାଇଁ ଉଦ୍ୟମ ହେଉଥିବାରୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏହାର ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିବା ଆମ ସମସ୍ତଙ୍କର ପରମ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିଥିଲେ । ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ଇନ୍ଦ୍ର ମୋହନ ପଣ୍ଡା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅନ୍ୟତମ ବରିଷ୍ଠ ନେତା ସବୀର ହୁସେନ ଧନ୍ୟବାଦ ଅର୍ପଣ କରିଥିଲେ । ସେବାଦଳର ବୁଲୁ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ପୂର୍ବତନ ଜିଲ୍ଲା ସଭାପତି ବିରେନ ସେନାପତି, ଉପସଭାପତି ଦେବବ୍ରତ ବିହାରୀ, ରାମାନନ୍ଦ ଶ୍ରୀଚନ୍ଦନ ଓ କୀର୍ତ୍ତନ ଦାସ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ବଷ୍ଟି ଖାନ, ତୁଳସୀ ନାଗ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ଆଇଏନ୍‌ଟିୟୁସି ଅଧ୍ୟକ୍ଷ ନିହାର ଦାସ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତ'ୀ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ମହିଳା କଂଗ୍ରେସ ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ବ୍ଲକ୍ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ବିଜୟ ଆପଟ, ରଘୁନାଥ ଦାସ ପ୍ରମୁଖଙ୍କ ସମେତ ରୁକସାନା ବେଗମ, ଦିଲ୍ଲୀପ ଜେନା, ସାକିର ହୁସେନ, ରବୀନ୍ଦ୍ର ଦାସ, ସୁବଳ ବାସୁରୀ, ବସ' ସାମଲ, ଲିଙ୍ଗରାଜ ମହାଁ, ଝୁନୁ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ରେହେମାନ ଖାନ, ଗୋପାଳ ଦାସ, ସରିତା ଟପ୍ପୋ, ସୁନୀତା ଲାକ୍ରା ଓ ସରିତା କୁଲ୍ଲୁ, ଧର୍ମେନ୍ଦ୍ର ପରମାର, ଅନ ବେହେରା, ଡାନିଏଲ କିସାନ, ରୋଶନ ତିର୍କୀଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ରିଜର୍ଭ ପୋଲିସ୍ ହାଇସ୍କୁଲ ଶିକ୍ଷକ କୁଳମଣି ଛାଟୋଇ, ଅବସରପ୍ରାପ୍ତ ଆର୍‌ଏସ୍‌ପି କର୍ମଚାରୀ ବି.ଏନ୍. ରାଓ କଂଗ୍ରେସ ଦଳରେ ଯୋଗ ଦେଇ ଦଳ ପ୍ରତି ସମର୍ପିତ ହୋଇ କାମ କରିବାକୁ ଶପଥ ଗ୍ରହଣ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି ।

# ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ ପଦ୍ମବିଭୂଷଣ ରାଣୀ ଗାଇଡିନ ଲ୍ୟୁଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର (ପିଏନ୍): ସ୍ୱାଧୀନତା ସଂଗ୍ରାମରେ ଭାଗନେଇ ୧୯୩୨ ମସିହାରେ ମାତ୍ର ୧୬ ବର୍ଷ ବୟସରୁ କାରାବରଣ କରି ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେବାପରେ କାରାମୁକ୍ତ ହୋଇଥିବା ମହାନ ମହିଳା ସ୍ୱାଧୀନତା ସଂଗ୍ରାମୀ ରାଣୀ ଗାଇଡିନ ଲ୍ୟୁଙ୍କ ଜୟନ୍ତୀକୁ ସାରା ଦେଶରେ ନାରୀଶକ୍ତି ଦିବସ ଭାବେ ପାଳନ କରାଯାଉଛି । ଭୁବନେଶ୍ୱର ମହାନଗର ଅନ୍ତର୍ଗତ ପଥରବନ୍ଧ, ତାରିଣୀ ବସ୍ତି, ଶ୍ରୀରାମ ନଗର, ଚକେଇସିଆଣୀ ଠାରେ ପଦ୍ମବିଭୂଷଣ ରାଣୀ ଗାଇଡିନ ଲ୍ୟୁଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇ ଯାଇଛି । ବନବାସୀ କଲ୍ୟାଣ ଆଶ୍ରମର ବୀଣାପାଣି ସ୍ୱାଇଁ, ସବିତା ମାଝୀ, ପଦ୍ମବତୀ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବନବାସୀ କଲ୍ୟାଣ ଆଶ୍ରମର ବରିଷ୍ଠ କାର୍ଯ୍ୟକର୍ତ୍ତା ଡ. ଲକ୍ଷ୍ମୀକାନ୍ତ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଣୀ ଗାଇଡିନ ଲ୍ୟୁଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ଯେ, ରାଣୀ ଗାଇଡିନ ଲ୍ୟୁ ଉତର ପୂର୍ବାଂଚଳର ଜଣେ ପ୍ରସିଦ୍ଧ ଆଧ୍ୟାତ୍ମିକ ଓ ସାମାଜିକ ଜନଜାତି ନେତ୍ରୀ । ଭାରତ ସରକାର ତାଙ୍କୁ ୧୯୮୨ ମସିହାରେ ପଦ୍ମବିଭୂଷଣ ପୁରସ୍କାର ପ୍ରଦାନ କରିଛନ୍ତି । ୧୯୯୩ ମସିହାରେ ତାଙ୍କର ପରଲୋକ ହୋଇଥିଲା ।

## ରାଜ୍ୟ ଡ୍ରାଇଭର ମହାସଂଘର ଅସୁବିଧା କଥା ରାଜ୍ୟ ସରକାର ଶୀଘ୍ର ବିଚାର କରନ୍ତୁ

ଭୁବନେଶ୍ୱର (ପିଏନ୍)- ଦୀର୍ଘଦିନ ଧରି ଡ୍ରାଇଭର ମହାସଂଘ ତାଙ୍କ ସମସ୍ୟା ଓ ଅସୁବିଧା ସମ୍ପର୍କରେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ବି ତାଙ୍କ ଦାବିକୁ ବେଖାତିର କରାଯାଉଛି ବୋଲି ମହାସଂଘ ଗଣମାଧ୍ୟମ ଜରିଆରେ ଅଭିଯୋଗ କରିଛନ୍ତି। ନିର୍ବାଚନ ପୂର୍ବରୁ ବିଭିନ୍ନ ସଂଗଠନ ଯେଉଁ ମାନଙ୍କ ସଂଖ୍ୟା ଅଧିକ ସେମାନଙ୍କ ଦାବିକୁ ସରକାର ମାନିନେଉଛନ୍ତି। କାରଣ ନିର୍ବାଚନରେ ସେମାନଙ୍କ ପ୍ରଭାବ ପଡ଼ିବାର ଆଶଙ୍କା ଥିବାରୁ ଡ୍ରାଇଭର ମହାସଂଘର କଥାକୁ କର୍ଣ୍ଣପାତ ନକରି ତାଙ୍କ ନ୍ୟାଯ୍ୟ ଦାବି ପ୍ରତି ଉପେକ୍ଷା ସରକାର କରିଛନ୍ତି ବୋଲି ପିସିସି ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ କହିଛନ୍ତି। ସେଥିପାଇଁ ଡ୍ରାଇଭର ମହାସଂଘ ତରଫରୁ ନିର୍ବାଚନର ଦୁଇଦିନ ପୂର୍ବରୁ ଷ୍ଟିଅରିଂ ଛାଡ଼ ଆନ୍ଦୋଳନର ଡାକରା ଦିଆଯାଇଛି। ଯଦି ନିର୍ବାଚନର ଦୁଇଦିନ ପୂର୍ବରୁ ଡ୍ରାଇଭର ମହାଂସଘ ଗାଡ଼ିର ଷ୍ଟିଅରିଂ ଛାଡ଼ି ଆନ୍ଦୋଳନ କରନ୍ତି ତେବେ ବହୁ ବିଭ୍ରାଟ ଦେଖାଯିବାର ସମ୍ଭାବନା ଅଛି। ଯେଉଁ ସଂଗଠନ ମାନଙ୍କର ଲୋକସଂଖ୍ୟା ଅଧିକ, ଯେଉଁମାନେ କି ସାଧାରଣ ଲୋକଙ୍କ ସହ ରହିଛନ୍ତି ଏବଂ ନିର୍ବାଚନରେ ସରକାରୀ ଦଳ ପାଇଁ ପ୍ରଭାବ ପକେଇ ସରକାରୀ ଦଳ ପାଇଁ ଭୋଟ ସଂଗ୍ରହ କରିପାରିବେ ସେମାନଙ୍କର ଦାବିକୁ ପୂରଣ କରୁଛନ୍ତି। କିନ୍ତୁ ଡ୍ରାଇଭର ମହାସଂଘର ସମସ୍ୟା କଥା ନ ଶୁଣିବାର କାରଣ ହେଲା ଏମାନେ ସରକାରୀ ଦଳ ପ୍ରାଇଁ ଭୋଟ ସଂଗ୍ରହ କରିପାରିବେ ନାହିଁ। ତେଣୁ ସରକାରଙ୍କୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରି କହିଛନ୍ତି କି ଡ୍ରାଇଭର ଭାଇମାନଙ୍କୁ ନଗଣ୍ୟ ମନେ ନକରି ତାଙ୍କର ଯୁକ୍ତିଯୁକ୍ତ ଦାବିକୁ ଶୀଘ୍ର ପୂରଣ କରନ୍ତୁ, ଯେପରି ନିର୍ବାଚନରେ କୌଣସି ବାଧାବିଘ୍ନ ନ ଘଟେ।

# ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ତିରୋଧାନ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ୭୬ତମ ତିରୋଧାନ ଦିବସ ସ୍ମୃତି କମିଟି ସମ୍ପାଦକ ରମଣୀରଞ୍ଜନ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ସହରର ବୁଦ୍ଧିଜିବୀ, ବରିଷ୍ଠ ନାଗରିକ, ଶିକ୍ଷାବିତମାନେ ଯୋଗଦେଇ ଆନନ୍ଦମାର୍ଗସ୍ଥିତ ବିପ୍ଳବୀଙ୍କ ପ୍ରତିମୂର୍ତ୍ତୀରେ ସାମୂହିକ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମର ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ଶିକ୍ଷାବିତ ନନ୍ଦକିଶୋର ପରିଡା, ଅଜୟ ରାଉତ, ସାହିତ୍ୟିକ ଡଃ. ବାସୁଦେବ ଦାସ, ଅଧ୍ୟାପକ ଅଜୟ ସାମଲ, ନିରଞ୍ଜନ ମେକାପ, ସ୍ମୃତି କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ଦାଶ, ପୂର୍ବତନ ନଗରପାଳ ରୋସ୍ନା ସାହୁ, ଡଃ. ବିରଜା ପ୍ରସାଦ ରାଉତରାୟ, ଓକିଲ ସଂଘ ସଭାପତି ଆଶୁତୋଷ ମହାନ୍ତି, ସମ୍ପାଦକ ସେକ ଅଜିମୁଦ୍ଦିନ, ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ଗୟାଧର ଧଳ, ଶରତ ବେହୁରା, ନାରାୟଣ ସାହୁ, ସ୍ୱାଧୀନତା ସଂଗ୍ରାମୀ ଦାୟଦ ସଂଘ ସଭାପତି ବିଚିତ୍ରାନନ୍ଦ ନାୟକ, ସବିତା ସାହୁ, ଶ୍ରୀଧର ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ପ୍ରଫୁଲ୍ଲ କୁମାର ଦାସ, ନିରଞ୍ଜନ ବଳ, ମନୋଜ ସାହୁ, ଅରୁଣ ଦାସ, ଦୀପକ ପ୍ରଧାନ, ଆଶିଷ ସେନାପତି, ଅମର ବିଶ୍ୱାଳ, ପ୍ରଦୀପ ସାହୁ, ଦୁର୍ଗା ପ୍ରସାଦ ପତି, ସ୍ମୃତି କମିଟି କର୍ମକର୍ତ୍ତା ଧୀରେନ୍ଦ୍ର କୁମାର ଦାସ, ମାନସ ସାହୁ , ହାଡିବନ୍ଧୁ ସିଂ, ସତ୍ୟବ୍ରତ ସିଂ, ରମେଶ ଜେନା, ଶୁଭାଂଶୁ ଦାସ, ସତ୍ୟପ୍ରିୟ ଦାସ, ଅକ୍ଷୟ ପ୍ରିୟ ଦାସ, ଯଯାତି କେଶରୀ ମହାନ୍ତି, ସ୍ମୃତି ରଞ୍ଜନ ସିଂ, ମହମ୍ମଦ ଜାହିଦ ଖାନ, ମୁକ୍ତାର ଖାନ, ରଞ୍ଜନ ମଲିକ, ଦେବେନ୍ଦ୍ର ନାଥ ସାମନ୍ତ, ସେକ ସାମ, ସେକ ୟୁସୁଫ, ସେକ ସୌକତ ଖାନ, ଗୋଲକ ସେଠୀ ପ୍ରମୁଖ ବିପ୍ଳବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ ସହ ସମ୍ପାଦକ ଶେଷଦେବ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଫକୀରମୋହନଙ୍କ ଜୟନ୍ତୀର ଚତୁର୍ଥ ଦିବସରେ ଆଲୋଚନାଚକ୍ର

ବାଲେଶ୍ୱର (ପିଏନ୍)- ଫକୀରମୋହନ ସାହିତ୍ୟପରିଷଦ ପକ୍ଷରୁ ୫ ଦିନ ବ୍ୟାପି ଚାଲିଥିବା କଥା ସମ୍ରାଟ ଫକୀର ମୋହନଙ୍କ ୧୮୦ ତମ ଜୟନ୍ତୀ ଓ ପରିଷଦର ୫୭ ଉତ୍ସବର ଚତୁର୍ଥ ଦିବସରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ସଂପ୍ରତିକ କବିତାରେ ପାଠକ ସଂପୃକ୍ତି' ଶିର୍ଷକ ଆଲୋଚନାଚକ୍ରରେ ପରିଷଦର ଉପସଭାପତି ଦିନବନ୍ଧୁ ଲେଙ୍କା ଅଧ୍ୟକ୍ଷତା କରିଥିବା ବେଳେ କୋରାପୁଟ ବିଶ୍ୱ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ପ୍ରଫେସର ରୁଦ୍ରାଣୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଡକ୍ଟର ମମତା ସାହୁ ଓ ଅଧ୍ୟାପକ ଡକ୍ଟର ରତ୍ନାକର ସିଂହ କବିତା ହେଉଛି ଆତ୍ମିକ ପ୍ରକୃତିର ନୈସର୍ଗିକ ଉପାଦାନ ବୋଲି ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ଅଧିବେଶନ କବିତା ପାଠ ଉତ୍ସବରେ କବି ଶ୍ରୀ ଦେବ ପୌରୋହିତ୍ୟ କରିଥିବା ବେଳେ କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ କବିପ୍ରାଣର ଆବେଗ ହିଁ କବିତା ହୋଇ ଜନ୍ମ ନିଏ। ଡକ୍ଟର ମମତା ସାହୁ, ଶିକ୍ଷୟିତ୍ରୀ ସତ୍ୟଭାମା ମୁଦୁଲି ଓ ଅଧ୍ୟାପିକା ଜ୍ୟୋତ୍ସ୍ନା ରାୟଙ୍କ ସଂଯୋଜନାରେ ୫୦ରୁ ଉର୍ଦ୍ଧ କବି ଓ କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ରାଜେଶ ଗିରି ପ୍ରଥମ ଅଧିବେଶନରେ ଧନ୍ୟବାଦ ଦେଇଥିଲେ।

## ଢ଼ିଙ୍କିଆ ବିଶୃଙ୍ଖଳା ସଂପର୍କରେ ଘଟଣାର ଅନୁଧ୍ୟାନ ପାଇଁ କଂଗ୍ରେସର ତଥ୍ୟ ଅନୁଧ୍ୟାନ କମିଟି ଗଠିତ

ଭୁବନେଶ୍ୱର (ପିଏନ୍)- ଜଗତସିଂହପୁର ଜିଲ୍ଲାର ଢ଼ିଙ୍କିଆ ଗ୍ରାମବାସୀମାନେ ନିଜର ହକ୍ ପାଇଁ ଆନ୍ଦୋଳନ କରୁଥିବା ବେଳେ ନିରସ୍ତ୍ର ଗ୍ରାମବାସୀଙ୍କୁ ପୋଲିସ ବର୍ବରୋଚିତ ଭାବେ ଆକ୍ରମଣ କରି ଲହୁ ଲୁହାଣ କରିଛି। ବହୁ ଲୋକଙ୍କୁ ଗିରଫ କରିଛି ଏବଂ ବହୁ ପାନ ଚାଷୀଙ୍କର ଚାଷ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହି ଘଟଣାର ଅନୁସନ୍ଧାନ କରିବାପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଏହି କମିଟିରେ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର ଅଧ୍ୟକ୍ଷ ରହିଥିବାବେଳେ ପିସିସି କାର୍ଯ୍ୟକାରୀ ସଭାପତି ଶ୍ରୀ ଚିରଂଜୀବ ବିଶ୍ୱାଳ ଆବାହକ ଭାବରେ ରହିଛନ୍ତି। କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ରାମଚନ୍ଦ୍ର ଖୁଂଟିଆ, ଡ. ଲଲାଟେନ୍ଦୁ ମହାପାତ୍ର, ନଟବର ବାରିକ, ଅରିନ୍ଦମ ସର୍ଖେଲ ଏବଂ ଅଂଶୁମାନ ମହାନ୍ତି ମଧ୍ୟ ଏହି କମିଟିରେ ରହିଛନ୍ତି। ଏହି କମିଟି ଖୁବଶୀଘ୍ର ଢ଼ିଙ୍କିଆ ଅଂଚଳ ଗସ୍ତକରି ଘଟଣାର ଅନୁଧ୍ୟାନ କରିବେ ଏବଂ ଦଳର ପରବର୍ତ୍ତୀ ପଦକ୍ଷେପ ସଂପର୍କରେ ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବାପାଇଁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି। ତତ୍ ସଂଗେ ସଂଗେ ଉକ୍ତ ଅଂଚଳରେ ସାମ୍ବାଦିକ ସମ୍ମିଳନୀକୁ ମଧ୍ୟ ଉଦ୍‌ବୋଧନ ଦେବାପାଇଁ ଏହି କମିଟିକୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି।

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Sunday June 18, 2023 ଭୁବନେଶ୍ୱର ରବିବାର, ଜୁନ ୧୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଶ୍ରୀ ଜଗନ୍ନାଥ ଓ ରଥଯାତ୍ରା ବିଷୟବସ୍ତୁକୁ ନେଇ ଯୁବ ଚିତ୍ରଶିଳ୍ପୀ ଶିବିର ଉଦଘାଟିତ

ଭୁବନେଶ୍ୱର,(ପି.ଏନ): ବିଶ୍ୱପ୍ରସିଦ୍ଧ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଉପଲକ୍ଷେ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ୨୮ ଜଣ ଚିତ୍ରଶିଳ୍ପୀଙ୍କୁ ନେଇ ପୁରୀ, ପାନ୍ଥନିବାସ ଠାରେ ଉଦଘାଟିତ ହୋଇଛି ଏକ ଯୁବଚିତ୍ରଶିଳ୍ପୀ ଶିବିର। ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏହି ଶିବିରରେ ୪ ଦିନ ଶିଳ୍ପୀମାନେ ଶ୍ରୀ ଜଗନ୍ନାଥ ଓ ରଥଯାତ୍ରା ଉପରେ ବିଭିନ୍ନ ଆଧ୍ୟାତ୍ମିକ ଚିତ୍ରମାନ ଅଙ୍କନ କରିବେ। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଓ ଏକାଡେମୀର ସଭାପତି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ସୁଦର୍ଶନ ପଟ୍ଟନାୟକ ଶିବିରକୁ ଉଦଘାଟନ କରିଥିଲେ। ଏହି



ଅବସରରେ ଅତିଥି ମାନେ ଜଗନ୍ନାଥ ସଂସ୍କୃତି ଓଡ଼ିଶାର ପରିଚୟ ଏବଂ ଏହାକୁ ନେଇ ଶିଳ୍ପୀମାନେ ଚିତ୍ର ଅଙ୍କନ କଲେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହିତ ଶିଳ୍ପୀଙ୍କ ତୂଳୀରୁ ବଳିଷ୍ଠ ଚିତ୍ରକଳା ସୃଷ୍ଟି ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥିମାନଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଦିଲ୍ଲୀରୁ ଚିତ୍ରଶିଳ୍ପୀ ଜ୍ୟୋତି ପ୍ରକାଶ ପ୍ରଧାନ, ବିକାଶ ସେନାପତି, ସତ୍ୟ ରଞ୍ଜନ ଦାସ, ସନ୍ତୋଷ ରାଉତରାୟ, ସୂର୍ଯ୍ୟକାନ୍ତ ସ୍ୱାଇଁ ଓ ମନୋଜ କୁମାର ମହାନ୍ତି, ହାଇଦ୍ରାବାଦରୁ ଜ୍ୟୋତିର୍ମୟପଟ୍ଟନାୟକ, ଓଡ଼ିଶାର ବିଭିନ୍ନ ସ୍ଥାନରୁ ସୁମିତ୍ରା ରାଣୀ ଦାସ, ବିପିନ୍ ବିହାରୀ ଓଝା, ସିଦ୍ଧାର୍ଥ ଶଙ୍କର ଦାସ, କୃପାସିନ୍ଧୁ ଦିକ୍ଷୀତ, ଜୟଶ୍ରୀ ଜେନା, ମାନସ କୁମାର ଦାସ, ଶୁଭେନ୍ଦୁ ମିଶ୍ର, ସନ୍ତୋଷ ରାଉତରାୟ, ମୃତ୍ୟୁଞ୍ଜୟ ବାରିକ, କୁଲଦୀପ ବର୍ମା, ବିକାଶ ଚନ୍ଦ୍ର ପ୍ରଧାନ, ଗୀତାଞ୍ଜଳି ଦାସ, ଡାକୋଜୀ ଶିବା ଆଚାର୍ଯ୍ୟ, ଦେବାଶିଷ ମହାରଣା, ବିଶ୍ୱଜିତ୍ ଗିରି, ଆକାଶ ଶ୍ରୀ ଚନ୍ଦନ ରାମ, ବିଶ୍ୱଦର୍ଶୀ ଦାସ, ତାପସ କର, ଚିତ୍ରସେନ ବିଶୋଇ, ସୀତିକାନ୍ତ ସାମନ୍ତସିଂହାର, ସୁମିତ୍ରା ମହାରଣା ଓ ପ୍ରତାପ ବଡତିଆ ପ୍ରମୁଖ ଅଂଶ ଗ୍ରହଣ କରି ଶ୍ରୀ ଜଗନ୍ନାଥ ଓ ରଥଯାତ୍ରା ବିଷୟ ବସ୍ତୁକୁ ନେଇ ନିଜ ନିଜ ଶୈଳୀରେ ସୃଜନ ଶୀଳ ଚିତ୍ରମାନ ଅଙ୍କନ କରିବେ। ଏହି ଶିବିର ଜୁନ ୧୮ ତାରିଖ ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ଖୋଲା ରହିବ । ଶିବିର ଶେଷ ଦିନରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

## ଆସନ୍ତା ୧୯ ତାରିଖ ଗ୍ରୀଡ଼କୋ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବା ଓପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିବେଦନ

ଭୁବନେଶ୍ୱର (ପି.ଏନ): ପ୍ରଚଣ୍ଡ ରୌଦ୍ରତାପରେ ସମଗ୍ର ଓଡ଼ିଶା ସିଝୁଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରାଜ୍ୟବାସୀଙ୍କ ସମସ୍ୟା ପ୍ରତି ଉଦାସୀନ ରହି ଦାଉ ସାଧୁଛନ୍ତି। ରାଜ୍ୟ ବିଜେଡ଼ି ସରକାର ରାଜ୍ୟବାସୀଙ୍କ ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଜୁଳି ଯୋଗାଣ ପାଇଁ ଦେଇଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ସମଗ୍ର ରାଜ୍ୟରେ ଘନ ଘନ ବିଜୁଳି କାଟ ଓ ଲୋ-ଭୋଲଟେଜ ଯୋଗୁଁ ଜୀବନ ଦୁର୍ବିସହ ହୋଇପଡ଼ିଛି। ଭିତିଭୂମି ଅଭାବ ହେତୁ ବିଜୁଳି ଯୋଗାଇବା ବ୍ୟାହତ ହେଉଥିବା ସ୍ୱୟଂ ଶକ୍ତିମନ୍ତ୍ରୀ ସ୍ୱୀକାର କରିଛନ୍ତି। ରାଜ୍ୟ ରାଜଧାନୀ ମଧ୍ୟ ବିଜୁଳି ବିଭ୍ରାଟର ପୀଡ଼ା ଭୋଗୁଛି। ଭିତିଭୂମି ବାବଦରେ ବ୍ୟୟ ବରାଦ ହୋଇଥିବା ୨୦ ହଜାର କୋଟିର ସଦୁପଯୋଗ ବାବଦରେ ସାଧାରଣରେ ପ୍ରଶ୍ନ ଉଠିଛି। ରାଜ୍ୟ କଂଗ୍ରେସ ଏ ସଂକ୍ରାନ୍ତରେ ସରକାରଙ୍କ ଠାରୁ ଶ୍ୱେତପତ୍ର ଦାବି କରିଛି। ଏଥି ସାଙ୍ଗକୁ ବିଜୁଳି ଦେୟ କ୍ଷେତ୍ରରେ ସାଧାରଣ ଖାଉଟିଙ୍କୁ ଶୋଷଣ କରାଯାଉଛି। ଗତ କଂଗ୍ରେସ ସରକାରଙ୍କ ସମୟରେ ବିଦ୍ୟୁତ ଦେୟ ତୁଳନାରେ ଏହା ୨୫୦ ପ୍ରତିଶତ ବୃଦ୍ଧି ପାଇଛି।

# ସରିଲା ରଜ ମହୋତ୍ସବ

ବାଲିଅନ୍ତା,(ପି.ଏନ): ପ୍ରସିଦ୍ଧ ତନ୍ତ୍ରପିଠ ୬୪ ଯୋଗିନୀ ପରିସରରେ ଗ୍ରୀନ ଜୟଦେବ ଟ୍ରଷ୍ଟ ପକ୍ଷରୁ ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି । ଏହି ଉଦଯାପିତ ସନ୍ଧ୍ୟାରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ବିଧାୟକ ଡ. ଅରବିନ୍ଦ ଢ଼ାଲି, ସମ୍ମାନିତ ଅତିଥିଭାବେ ବିଧାୟକ ସୁରେଶ କୁମାର ରାଉତରାୟ, ସଂଳାପ ଲେଖକ ଡ. ରଜନୀ ରଞ୍ଜନ ଦାଶ,ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଷ୍ଟାଲିନ ପରିଜା, ବିଶିଷ୍ଟ ହୋମିଓପ୍ୟାଥିକ ଚିକିତ୍ସକ ଡା, ନେତ୍ରାନନ୍ଦ ଭୋଇ,ସହକାରୀ ପ୍ରାଧାପକ ମହେନ୍ଦ୍ର ସ୍ୱାଇଁ,ନିହାର ରଞ୍ଜନ ବିଶ୍ୱାଳ, ଶିକ୍ଷବିତ ସିଧେଶ୍ୱର ମହାନ୍ତି, ବିଧୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା, ସମଜସେବୀ ବେଣୁଧର ଭୋଇ, ନାରାୟଣ ସାହୁ, ସରପଞ୍ଚ ରମାଲତା ନାୟକ, ରଶ୍ମିତା ସାହୁ, ରଶ୍ମିତା ଭୋଇ ପ୍ରମୁଖ ଯୋଗଦେଇଥିଲେ । ପ୍ରତିବର୍ଷ ଟ୍ରଷ୍ଟ ପକ୍ଷରୁ ରଜକୁଇନ ପ୍ରତିଯୋଗିତା କରାଯାଇଥାଏ କ୍ଷ ଚଳିତବର୍ଷ ଏହି ପ୍ରତିଯୋଗିତାରେ ଯଶୁଆପୁର ଗ୍ରାମର ବିନମ୍ରତା ତ୍ରିପାଠୀ ରଜ କୁଇନ ଭାବେ ବିଜୟୀ ହୋଇଥିଲେ । ଅତିଥିମାନେ ସୁଶ୍ରୀ ତ୍ରିପାଠୀଙ୍କୁ ରଜର ରାଣୀ ମୁକୁଟ ପିନ୍ଧାଇବା ସହ ପୁରସ୍କାର ବାବଦକୁ ୬ହଜାର ଟଙ୍କାର ଏକ ଚେକ ପ୍ରଦାନ କରିଥିଲେ । ଏହି ଅର୍ଥରାଶି ବାଲକାଟୀ ଅଗ୍ରଣୀ ଶିକ୍ଷାନୁଷ୍ଠାନ ନିର୍ମାଣ



ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା କ୍ଷ ୧୪ ତାରିଖ ପହିଲି ରଜ ପ୍ରଥମ ଦିବସ ଯଶୁଆପୁର ଖେଳ ପଡ଼ିଆରେ ପାଳନ ହୋଇ ଥିବା ବେଳେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଓ ସମ୍ମାନୀତ ଅତିଥି ଖୋର୍ଦ୍ଧା ପୂର୍ବତନ ବିଧାୟକ ତଥା ପରିବେଶବିତ୍ ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗ ଦେଇଥିଲେ । ଦ୍ୱିତୀୟ ସନ୍ଧ୍ୟା ୧୫ ତାରିଖରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ବଟକୃଷ୍ଣ ସାହୁ ଓ ସମ୍ମାନୀତ ଅତିଥି ଭାବେ ଯୁବସମାଜସେବୀ ତଥା ଓଡ଼ିଆ ଚଳଚ୍ଚିତ୍ର ପ୍ରଜଯୋକ ସତ୍ୟପ୍ରୀୟ ବେହେରା ଓ ବାଲିଅନ୍ତା ବ୍ଲକ ବିଜେଡି ଯୁବ ସଭାପତି ପ୍ରଦୀପ କୁମାର ମହାନ୍ତି ଯୋଗ ଦେଇଥିଲେ । ଶେଷ ସନ୍ଧ୍ୟା ଉଜାପନି ଉତ୍ସବ ୧୬ ତାରିଖ ପ୍ରସିଦ୍ଧ ତନ୍ତ୍ର ପୀଠ ମହାମାୟା ଚଉଷଠି ଯୋଗିନୀ ମଞ୍ଚରେ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶା ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରାୟୋଜିତ ବିଭିନ୍ନ ଗୀତ ନାଚ ଦଳ ଦ୍ୱାରା ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସମାଜସେବୀ, କଳାକାର ଓ ସାହିତ୍ୟିକମାନଙ୍କୁ ମାନପତ୍ର ଓ ଉତ୍ତରୀୟ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟି ଦିନବନ୍ଧୁ ଭୋଇ ଓ ରଞ୍ଜନ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କ୍ଷ କାର୍ଯ୍ୟ କ୍ରମ ପରିଚାଳନାରେ ପ୍ରମୋଦ ଭୋଇ, ପ୍ରଳୟ କୁମାର ଦାସ, ଆଶୁତୋଷ ଚୌଧୁରୀ,ଗୋବିନ୍ଦ ବେହେରା, ସୁବାସ ଦାସ, ବିଶ୍ୱଜିତ୍ ସାମନ୍ତରାୟ ଓ ଗୋଲେଖ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ବିଜୁଳି ନଥିବା ଭଙ୍ଗା ଘରେ ଡାକ୍ତର ହେବା ସ୍ୱପ୍ନ

ଫୁଲନଖରା,(ପି.ଏନ) : ଭଲ ଘର ବଖରାଏ ନାହିଁ କି ସେହି ଘରକୁ ବିଜୁଳି ସଂଯୋଗ ମଧ୍ୟ ନାହିଁ; କିନ୍ତୁ ସେହି ଭଙ୍ଗାଘରେ ଜନ୍ମ ଗ୍ରହଣ କରି ଜଣେ ଡାକ୍ତର ହେବାର ସୁନେଲି ସ୍ୱପ୍ନ ଦେଖୁଛନ୍ତି ଜଣେ ବାଳିକା; ସେ ହେଲେ ସଦର ଥାନା ଖଲର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ ସିଂହୋଳ ଗ୍ରାମର ମନୋରମା ମହାପାତ୍ର ଓ ଶ୍ରୀନିବାସ ମହାପାତ୍ରଙ୍କ ସୁକନ୍ୟା ମନିସ୍ମିତା ମହାପାତ୍ର। ମନିସ୍ମିତା ନିକଟସ୍ଥ ମହେଶପୁରଠାରେ ଥିବା ଜୟନ୍ତୀଦେବୀ ବିଦ୍ୟାପୀଠ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଜଣେ ମେଧାବୀ ଛାତ୍ରୀ; ଚଳିତ ମାଟ୍ରିକ ପରୀକ୍ଷାରେ ସେ ସର୍ବୋଚ୍ଚ ୫୫୧ ନମ୍ବର ରଖି ବାରଙ୍ଗ ବ୍ଲକରେ ଟପର ହୋଇଛନ୍ତି। ତେବେ ଘର ବୋଲି ତାଙ୍କର କିଛି ନାହିଁ। ଭଙ୍ଗା ଆଜବେଷ୍ଟସ ବନ୍ଧା ହୋଇଥିବା ବଖରାଏ ଝାଟିମାଟି ଘରେ ସାତ ସଦସ୍ୟ ବିଶିଷ୍ଟ ପରିବାର ରହୁଛନ୍ତି। ପରିବାର ମୁଖିଆ ଶ୍ରୀନିବାସ ମହାପାତ୍ର ମୂଲ ଲାଗିଲେ ପରିବାରରେ ଚୁଲି ଜଳେ; ଶାରୀରିକ ଅସୁସ୍ଥତା ଯୋଗୁଁ ସବୁ ଦିନେ କାର୍ଯ୍ୟ କରିପାରନ୍ତି ନାହିଁ। ଦାରିଦ୍ର୍ୟ ସୀମାରେଖା ଅତି ନିମ୍ନରେ ବସବାସ କରୁଥିଲେ ମଧ୍ୟ ଉକ୍ତ ପରିବାରକୁ ଆବାସ ଯୋଜନାରେ ସାମିଲ କରାଯାଇନାହିଁ।

# ଇଫକୋକୁ ସମ୍ମାନ ଜନକ 'କଳିଙ୍ଗ ପରିବେଶଉତ୍କର୍ଷ' ପୁରସ୍କାର




ପାରାଦୀପ,(ପି.ଏନ): ଇଫକୋ ପାରାଦୀପ ୟୁନିଟ୍‌କୁ ମିଳିଛି ସମ୍ମାନ ଜନକ'କଳିଙ୍ଗ ପରିବେଶଉତ୍କର୍ଷ'- ପ୍ଲାଟିନମ ତାରକା ପୁରସ୍କାର। ଏହି ଅବସରରେ ଜୁନ ୧୭ ତାରିଖଶ ନିବାର ଦିନ ଭୁବନେଶ୍ୱରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତମୁଖ୍ୟ ଅତିଥି ଭାବେଯୋଗ ଦେଇ ଏହି ସମ୍ମାନ ଜନକ ପୁରସ୍କାର ପ୍ରଦାନ କରିଥିଲେ। ଇଫକୋ ପକ୍ଷରୁ କମ୍ପାନୀର ଉତ୍ପାଦନ, ପରିବେଶ ଓ ସୁରକ୍ଷା ବିଭାଗର ସାଧାରଣ ପରିଚାଳକ ଆର.କେ.ପାଣ୍ଡେ ଏବଂ ପରିବେଶ ଅଧିକାରୀ ଦେବାଶିଷ ମହାନ୍ତିଏହି ପରୁସ୍କାର ଗ୍ରହଣକରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଅତିଥି ଭାବେରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣବୋର୍ଡ ସଦସ୍ୟ ତଥା ସଚିବ ଡଃମୁରୁଗେସନ ଉପସ୍ଥିତ ଥିଲେ। ପ୍ଲାଣ୍ଟ ପରିଚାଳନାରେ ସୁରକ୍ଷାକୁ ଗୁରୁତ୍ୱ, ପରିବେଶ ସୁରକ୍ଷା ଓ ସନ୍ତୁଳନ ପାଇଁ ଇଫକୋକୁଏହି ପୁରସ୍କାରମିଳିଛି ।




# ନୂଆଗାଁ ରାଜ୍ୟସ୍ତରୀୟ ରଜ ମେହାତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,(ପି.ଏନ): ଓଡ଼ିଶାର ଗଣପର୍ବ ରଜ ପର୍ବକୁ ରାଜ୍ୟସ୍ତରୀୟ ରଜ ମହୋତ୍ସବ ମହାସମାରୋହରେ ପାଳନ କରିଛି ନୂଆଗାଁ ଗ୍ରାମୀଣ ବିକାଶ ମଞ୍ଚ । ୧୩ ତାରିଖରୁ ଚାରିଦିନ ବ୍ୟାପୀ ପର୍ବ ନୂଆଗାଁ ରଜ ମେହାତ୍ସବ ପଡିଆରେ ଉଦ୍‌ଯାପିତ ହୋଇଛି। ଓଡ଼ିଶାର କଳାସଂସ୍କୃତି ଅକ୍ଷୁର୍ଣ୍ଣ ରଖୁ ଏହାକୁ ଅଧିକରୁ ଅଧିକ ଭାବେ ପରିବ୍ୟାପ୍ତ କରିବା ପାଇଁ ନୂଆଗାଁ ଗ୍ରାମୀଣ ବିକାଶ ମଞ୍ଚ ପକ୍ଷରୁ ବିଭିନ୍ନ ପାରମ୍ପରିକ ରଜ ଦୋଳି, ପୋଡପିଠା, ରଜ ପାନ, ତାସ ଖେଳ ଆଦିର ସଙ୍ଗମ ଦେଖିବାକୁ ମିଳିଥିଲା। ଏହାକୁ ମଞ୍ଚର ସଭାପତି ବସନ୍ତ କୁମାର ବରାଳ, ସମ୍ପାଦକ ଚିନ୍ମୟାନନ୍ଦ ବଡଜେନା ପରିଚାଳଣା କରିଥିଲେ। ପ୍ରଥମ ଦିବସରେ ୧୩ ତାରିଖରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଉଦ୍ଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୁରେଶ କୁମାର ରାଉତରାୟ, ଶିଳ୍ପିଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣା, କର୍ପ ?ାରେଟର ମହାମାୟା ସ୍ୱାଇଁ, ମୀରା ପରିଡା, ଗନ୍ଧର୍ବ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପର୍ବ ଆରମ୍ଭ ହୋଇଥିଲା ନୃତ୍ୟ ଓ ଗୀତରୁ। କୁନି କୁନି ପିଲା ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। ସେହିପରି ରାମ୍ପ ସୋ, ବଡି ବିଲ୍ଡିଂ ଓ ପାଇକ ଆଖଡା ପରିବେଷଣ କରାଯାଇଥିଲା। ପଡିଆରେ ଦୋଳି ଖେଳିବା ସହ ବିଭିନ୍ନ ଖାଦ୍ୟ ଷ୍ଟଲଠାରେ ପିଠା ଓ ରଜ ବ୍ୟଞ୍ଜନ କରି ଦର୍ଶକମାନେ ଭରପୁର ମଜା ନେଇଥିଲେ । ଦ୍ୱିତୀୟ ଦିନ ତଥା ପହିଲି ରଜରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆରଏସ୍ କୁମାରଙ୍କ ଗ୍ରୁପ୍ ଦ୍ୱାରା ସଙ୍ଗୀତ



ପରିବେଷଣ ଧୁମ୍ ମଚାଇଲା। ଏଥି ସହ ନନ୍‌ସେନ୍ସ ମଣିଙ୍କ କମେଡି ଦର୍ଶକ ବିଭୋର ହୋଇଥିଲେ। ସେଠାରେ ଓଲିଉଡ୍ ଅଭିନେତ୍ରୀ ଏଲିନା ସାମନ୍ତରାୟ ନୃତ୍ୟ କରିବା ସହ ଗୀତ ବୋଲି ଦର୍ଶକଙ୍କ ମନମୋହିଥିଲା। ମହିଳାଙ୍କ ରାମ୍ପ ସୋ ଦର୍ଶକଙ୍କୁ ବାନ୍ଧିରଖିଥିଲା। ସେହିପରି ମହିଳାଙ୍କ ଶଙ୍ଖ, ହୁଳହୁଳି, ମେହେନ୍ଦି ପ୍ରତିଯୋଗୀତାରେ ଶତାଧିକ ମହିଳା ସାମିଲ ହୋଇ ମହୋତ୍ସବକୁ ଆକର୍ଷଣୀୟ କରିଥିଲେ। ସେହିପରି ଜୁନିୟର ଓ ସନିୟର ଗ୍ରୁପ୍ କରାଯାଇ ସଙ୍ଗୀତ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ତୃତୀୟ ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ସହ ଅଭିନେତା ସବ୍ୟସାଚୀ ମିଶ୍ର ଓ ଅଭିନେତ୍ରୀ ଅର୍ଚ୍ଚିତା ଧୁମ୍ ମଚାଇଥିଲେ। ମଣ୍ଟୁଙ୍କ କଣ୍ଠରୁ ଲଚ୍‌କ ମଣି ବେବି ଲୋଟ. ଓ ବିଭିନ୍ନ ଆଦିବାସୀ ଗୀତରେ ଦର୍ଶକ ବିଳମ୍ବିତ ରାତିଯାଏ ଝୁମିଥିଲେ। ଶେଷ ରଜରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଇରା ମହାନ୍ତି ତାଙ୍କ କଣ୍ଠରେ ରାକ୍ଷି ବାନ୍ଧିଲି ମୋ ରଖିବୁ ମାନ, ରହିଛି ରହିବି ତୋରି ପାଇଁ ପରି ଚିତାକର୍ଷକ ସଂଗୀତ ପରିବେଷଣ କରି ଦର୍ଶକଙ୍କ ମନମୁଗ୍ଧ କରିଥିଲେ। ସେହିପରି କୁମାର ମାନସ ତାଙ୍କ କଣ୍ଠରେ ଜଗତରେ ପାଇବୁନି ଏମିତି ଠାକୁର ଗାଇ.. ଆଦି ବିଭିନ୍ନ ଗୀତ ଗାଇ ଲୋକଙ୍କୁ ବିଭୋର କରିଥିଲେ। କଣ୍ଠଶିଳ୍ପି ଅଭିଜିତ୍ ମଜୁମ୍‌ଦାର ତାଙ୍କ କଣ୍ଠରେ ସକାଳର ପହିଲି ଗାଡିରେ ଗୀତ ସହ ବିଭିନ୍ନ ଗୀତ ଗାଇ ଧୁମ୍ ମଚାଇଥିଲେ। ଶେଷରେ କୁମାର ବାପି ବିଭିନ୍ନ ଲୋକପ୍ରୀୟ ଗୀତ ପରିବେଷଣ କରିଥିଲେ। ପ୍ରଥମେ ଉଦ୍ଧବ ରେଡି ଏକକ ନୃତ୍ୟରେ ଜୋ ହେ ଅଲବେଲା ଗୀତରେ ନୃତ୍ୟ ପରିବେଷଣ କରିଥିବା ବେଳେ କୁନି ଝିଅ ସ୍ୱସ୍ତିକ ବରାଳଙ୍କ ଦ୍ୱରା ସାଇଲୋରେ ସାଇଲୋରେ ଝିପିକି ଝିପା ଗୀତରେନୃତ୍ୟ ପରିବେଷଣ ଦର୍ଶଙ୍କୁ ଆନନ୍ଦ ଦେଇଥିଲା। ଏଥିହି ଛୋଟ ପିଲାଙ୍କ ଦ୍ୱାରା ରାମ୍ପ ସୋ, ହାସ୍ୟ ଅଭିନେତା ଜୁନିୟର ପପୁଙ୍କ କମେଡି ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅତି ଚିତାକର୍ଷକ ହୋଇଥିଲା। ମୁକ୍ତାକାଶ ରଙ୍ଗମଞ୍ଚରେ ରଜ ମହୋତ୍ସବ ସନ୍ଧ୍ୟାରେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶେଷ ରଜରେ ଲୋକଙ୍କ ପ୍ରବଳ ଭିଡ ଜମିଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଅତିଥି ଭାବେ ଅମିୟବାଳା ପରିଡା, ଶିବସୁନ୍ଦ ସ୍ୱାଇଁ, ରାମେଶ୍ୱରୀ ପ୍ରସାଦ ଦ୍ୱିବେଦୀ, କ୍ୟାପଟେନ୍ ସିଦ୍ଧାର୍ଥ ରାଉତରାୟ, ଜୋର୍ତିବୀଦ୍ ପଣ୍ଡିତ ଶ୍ୟାପତି ଆଷ୍ଟାର୍ଯ୍ୟ, ଧଉଳି ଥାନା ଅଧିକାରୀ ଚିତରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ। ସୁଲଗ୍ନା ରାଉତରାୟଙ୍କ ସଂଯୋଜନାରେ ସଭ୍ୟ ସଞ୍ଜୟ ଗିରି, ଜଲି ମହାନ୍ତି, ରଞ୍ଜିତ ମହାନ୍ତି, ତପନ ନାୟକ, ପ୍ରଶସ୍ମିତା ବେବି ମହାନ୍ତି, ବଳରାମ ଦେଓ, ଅଶ୍ୱିନୀ ସାହୁ, ପ୍ରକାଶ ରଣା, ସୁକାନ୍ତ ପାତ୍ର, ନଗେନ ବରାଳ, ପଦ୍ମାବତୀ ନନ୍ଦ, ମଧୁସ୍ମିତା ସାହୁ, ରମେଶ ଚନ୍ଦ୍ର ନାୟକ, ବୃନ୍ଦାବନ ସାହୁ, ଜାପାନି ନାୟକ ଓ ସଭ୍ୟମାନେ ଉପସ୍ଥିତ ରହି ପରିଚାଳାଣା କରିଥିଲେ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray